# ଝୁଲଣା - ୧

## ପ୍ରଥମ ଶ୍ରେଣୀ

(ଭାଷା ଓ ପରିବେଶ ସମନ୍ୱିତ ପାଠ୍ୟପୁସ୍ତକ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା ସରକାର

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ
ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା
କାର୍ଯ୍ୟକ୍ରମ ପ୍ରାଧିକରଣ, ଭୁବନେଶ୍ୱର

https://withteachers.in/

# ଝୁଲଣା - ୧

ପ୍ରଥମ ଶ୍ରେଣୀ (ଭାଷା ଓ ପରିବେଶ ସମନ୍ୱିତ ପାଠ୍ୟପୁସ୍ତକ)
(ପରୀକ୍ଷାମୂଳକ ସଂସ୍କରଣ - ୨୦୨୬)

**ସଂପାଦକ ମଣ୍ଡଳୀ :**
ଶ୍ରୀ ପ୍ରଫୁଲ୍ଲ କୁମାର ପଣ୍ଡା
ଶ୍ରୀ ସୁବାସ ଚନ୍ଦ୍ର ସାହୁ
ଶ୍ରୀ ସନ୍ଦୀପ୍ ବଳ
ଶ୍ରୀ ଅଜିତ୍ କୁମାର ସେଠୀ

**ବିଷୟ ବିଶେଷଜ୍ଞ :**
ଡକ୍ଟର ନିରଞ୍ଜନ ମହାନ୍ତି

**ସମୀକ୍ଷକ ମଣ୍ଡଳୀ :**
ଡକ୍ଟର ଦୁର୍ଯ୍ୟୋଧନ ଦାଶ
ଶ୍ରୀ ସତ୍ୟନାରାୟଣ ମିଶ୍ର
ଡକ୍ଟର ପ୍ରଶାନ୍ତ କୁମାର ରଥ

**ସଂଯୋଜକ :**
ଶ୍ରୀମତୀ ଭାରତୀ ଟୁଡୁ

**ମୁଖ୍ୟ ସଂଯୋଜକ :**
ଡକ୍ଟର ସବିତା ସାହୁ

**ପ୍ରକାଶକ :**
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର
ମୁଦ୍ରଣ ବର୍ଷ : ୨୦୨୬

**ପ୍ରସ୍ତୁତି :**
ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

**ଡିଟିପି ଓ ଡିଜାଇନ୍ :**
ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଓଡ଼ିଶା, ଭୁବନେଶ୍ୱର

**ମୁଦ୍ରଣ :**
ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଓଡ଼ିଶା, ଭୁବନେଶ୍ୱର




https://withteachers.in/

# ପ୍ରସ୍ତାବନା

ଶିକ୍ଷାର ମୂଳ ଲକ୍ଷ୍ୟ ହେଉଛି ପିଲାମାନଙ୍କର ସର୍ବାଙ୍ଗୀନ ବିକାଶ ସାଧନ କରିବା । ଆମ ଦେଶରେ ପିଲାମାନଙ୍କ ଯତ୍ନ ଓ ଶିକ୍ଷା ପାଇଁ ପରିବାର, ଗାଁ, ଗୋଷ୍ଠୀ ଓ ବିଦ୍ୟାଳୟର ଯଥେଷ୍ଟ ଭୂମିକା ରହିଛି । ପ୍ରତ୍ୟେକ ପିଲାର ଜୀବନରେ ତା'ର ପ୍ରଥମ ଆଠ ବର୍ଷ ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ସମୟରେ ସେ ତାର ପରିବାରରୁ ଯାହା ଶିଖିଥାଏ ତାହା ପରବର୍ତ୍ତୀ ସମୟରେ ତାର ଆଚରଣ ଏବଂ ବୌଦ୍ଧିକ ଦକ୍ଷତା ଉପରେ ସକରାତ୍ମକ ପ୍ରଭାବ ପକାଇଥାଏ ।

ପିଲାଟିର ଜୀବନବ୍ୟାପୀ ବିକାଶରେ ପ୍ରାରମ୍ଭିକ ବର୍ଷଗୁଡ଼ିକର ଗୁରୁତ୍ୱକୁ ବିଚାର କରି, ଜାତୀୟ ଶିକ୍ଷା ନୀତି - ୨୦୨୦ ରେ ୩ ରୁ ୮ ବର୍ଷ ବୟସର ପିଲାମାନଙ୍କର ଶିକ୍ଷାର ଗୁଣାତ୍ମକତାକୁ ଯଥେଷ୍ଟ ଧ୍ୟାନ ଦିଆଯାଇଛି । ମୌଳିକ ପର୍ଯ୍ୟାୟ (ଶିଶୁ ବାଟିକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ) ରେ ପିଲାଟି ଆହରଣ କରୁଥିବା ସମସ୍ତ ଅଭିଜ୍ଞତା ତାର ଶିକ୍ଷା, ସାମାଜିକ ଏବଂ ଆବେଗିକ ଆଚରଣ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଇଥାଏ। ଜାତୀୟ ଶିକ୍ଷାନୀତିରେ ପ୍ରଦତ୍ତ ନୀତି ଓ ମୂଳ ଧାରଣାଗୁଡ଼ିକର ଆଧାରରେ ଏନ୍. ସି. ଏଫ୍. ଏଫ୍. ଏସ୍. ୨୦୨୨ (ମୌଳିକ ପର୍ଯ୍ୟାୟ ପାଇଁ ଜାତୀୟ ପାଠ୍ୟକ୍ରମ ରୂପରେଖ) ପ୍ରକାଶ ପାଇଛି । ପରବର୍ତ୍ତୀ ସମୟରେ ଏନ୍. ସି. ଏଫ୍. ଏଫ୍. ଏସ୍. ୨୦୨୨ ର ସୁପାରିଶ ଅନୁଯାୟୀ ପାଠ୍ୟପୁସ୍ତକଗୁଡ଼ିକ ପ୍ରସ୍ତୁତ କରାଯାଇଛି । ପାଠ୍ୟପୁସ୍ତକଗୁଡ଼ିକରେ ଶ୍ରେଣୀଗୃହର ଶିକ୍ଷାକୁ ପିଲାମାନଙ୍କର ବାସ୍ତବ ଜୀବନ ସହିତ ସଂଯୋଗ କରିବାକୁ ଚେଷ୍ଟା କରାଯାଇଛି । ଏନ୍. ସି. ଏଫ୍. ଏଫ୍. ଏସ୍. ୨୦୨୨ ରେ ପଞ୍ଚକୋଷୀୟ ବିକାଶ (ଅନ୍ନମୟ, ପ୍ରାଣମୟ, ମନୋମୟ, ବିଜ୍ଞାନମୟ ଏବଂ ଆନନ୍ଦମୟ କୋଷ) କୁ ଗୁରୁତ୍ୱ ଦିଆଯାଇଛି, ଏଥିସହିତ ଶିକ୍ଷଣର ପାଞ୍ଚଟି କ୍ଷେତ୍ର, ଯଥା - ଶାରୀରିକ, ସାମାଜିକ-ଆବେଗିକ-ନୈତିକ, ବୌଦ୍ଧିକ, ଭାଷା ଓ ସାକ୍ଷରତା ଏବଂ ସାଂସ୍କୃତିକ ଓ ସୌନ୍ଦର୍ଯ୍ୟବୋଧ ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି ।

ଏନ୍. ସି. ଏଫ୍. ଏଫ୍. ଏସ୍. ୨୦୨୨ ରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ଶିକ୍ଷାଦାନ-ଶିକ୍ଷଣ ପାଇଁ କ୍ରୀଡ଼ା-ଭିତ୍ତିକ ପଦ୍ଧତି ବ୍ୟବହାର କରିବାକୁ ଉଲ୍ଲେଖ କରାଯାଇଛି। ଏଥିନିମନ୍ତେ ପାଠ୍ୟପୁସ୍ତକରେ ଭିନ୍ନଭିନ୍ନ ପ୍ରକାର କାର୍ଯ୍ୟ ଯେପରି ଖେଳ, ଆଲୋଚନା, ରଙ୍ଗଦେବା, ଚିତ୍ରକରିବା, ଅଭିନୟ, ଗପ ଶୁଣିବା ଆଦି ମାଧ୍ୟମରେ ପିଲାମାନଙ୍କର ଦକ୍ଷତାକୁ ବିକାଶ କରିବାର ସୁଯୋଗ ରହିଛି ।


ଭାଷା ଓ ପରିବେଶ ସମନ୍ୱିତ ପାଠ୍ୟପୁସ୍ତକ ଝୁଲଣା-୧କୁ ରାଜ୍ୟର ଭାଷା, କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା, ଭୌଗଳିକ ସ୍ଥିତି, ଆଦି ଦୃଷ୍ଟିରୁ ମଧ୍ୟ ପ୍ରାସଙ୍ଗିକ କରାଯାଇଛି । ପାଠ୍ୟପୁସ୍ତକକୁ ଦକ୍ଷତାଭିତ୍ତିକ କରାଯିବା ସହିତ ପିଲାମାନଙ୍କ ପାଇଁ ସରଳ ଓ ଆକର୍ଷଣୀୟ କରିବାକୁ ଚେଷ୍ଟା କରାଯାଇଛି । ପିଲାମାନଙ୍କର ସ୍ଥାନୀୟ ପରମ୍ପରା, ସଂସ୍କୃତି, ପର୍ବପର୍ବାଣି, ଖାଦ୍ୟ, ନଦୀ, ପର୍ବତ, ଗଛ-ଲତା, ଆଦି ପ୍ରସଙ୍ଗଗୁଡ଼ିକରେ ପ୍ରତିଫଳିତ ହୋଇଛି । ଏହା ନିଶ୍ଚିତ ଭାବରେ ପିଲାମାନଙ୍କ ପାଇଁ ଆକର୍ଷଣୀୟ ଏବଂ ଆନନ୍ଦଦାୟକ ହେବ ।



https://withteachers.in/


ପିଲାମାନଙ୍କ ଚିନ୍ତନ ଦକ୍ଷତା ଓ ଜିଜ୍ଞାସୁ ମନୋଭାବର ବିକାଶ ପାଇଁ ପାଠ୍ୟପୁସ୍ତକରେ ଅନେକ କାର୍ଯ୍ୟ ଦିଆଯାଇଛି। ଏଥିସହିତ ପିଲାମାନେ ପାଠ୍ୟପୁସ୍ତକରେ ଥିବା ଦକ୍ଷତାଗୁଡ଼ିକ ହାସଲ କରିପାରିଲେ କି ନାହିଁ ଜାଣିବା ପାଇଁ ପ୍ରତ୍ୟେକ ପାଠରେ ଅଭ୍ୟାସ କାର୍ଯ୍ୟ ସ୍ଥାନିତ ହୋଇଛି।

ନୂତନ ପାଠ୍ୟପୁସ୍ତକଟିକୁ ପ୍ରସ୍ତୁତ କରିଥିବା ରାଜ୍ୟର ସମସ୍ତ ଶିକ୍ଷାବିତ୍, ବିଷୟ ବିଶେଷଜ୍ଞ, ଚିତ୍ରକର ଓ ଭାଷାବିତ୍‌ମାନଙ୍କୁ ମୁଁ ଧନ୍ୟବାଦ ଜ୍ଞାପନ କରୁଛି। ଖୁବ୍ କମ୍ ସମୟ ମଧ୍ୟରେ ସମସ୍ତଙ୍କ ମିଳିତ ପ୍ରଚେଷ୍ଟାରେ ଝୁଲଣା-୧ ପାଠ୍ୟପୁସ୍ତକଟିକୁ ପ୍ରସ୍ତୁତ କରାଯାଇଛି। ଆମ ରାଜ୍ୟର ପ୍ରାଥମିକ ଶିକ୍ଷାରେ ସଂସ୍କାର ଆଣିବା ସହିତ ପିଲାମାନେ ଖୁସିରେ ଶିଖିବା ପାଇଁ ଏହି ପାଠ୍ୟପୁସ୍ତକ ନିଶ୍ଚିତ ସାହାଯ୍ୟ କରିବ ବୋଲି ଆଶା କରୁଛି। ପରୀକ୍ଷାମୂଳକ ଭାବରେ ଏହି ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଇଛି। ଏହି ପାଠ୍ୟପୁସ୍ତକକୁ ଆହୁରି ସମୃଦ୍ଧ କରିବା ପାଇଁ ମୁଁ ଆପଣମାନଙ୍କ ମତାମତ ଏବଂ ପରାମର୍ଶକୁ ସ୍ୱାଗତ କରିବି।



**(ମନୋଜ କୁମାର ପାଢ଼ୀ)**

**ନିର୍ଦ୍ଦେଶକ**
**ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ**
**ରାଜ୍ୟ ଶିକ୍ଷା ଗବେଷଣା ଓ**
**ପ୍ରଶିକ୍ଷଣ ପରିଷଦ ଓଡ଼ିଶା, ଭୁବନେଶ୍ୱର**





https://withteachers.in/

# ପୁସ୍ତକ ବିଷୟରେ

ଜାତୀୟ ଶିକ୍ଷାନୀତି - ୨୦୨୦ ଅନୁଯାୟୀ କୌଣସି ଦେଶର ବିକାଶ ଓ ଏକ ପ୍ରଗତିଶୀଳ ସମାଜର ପ୍ରତିଷ୍ଠା ନିମନ୍ତେ ଭାଷା ଓ ସାକ୍ଷରତା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଜାତୀୟ ଶିକ୍ଷାନୀତି- ୨୦୨୦ ରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଦକ୍ଷତା ହାସଲକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଛି। ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ମୂଳଦୁଆ ଦୃଢ଼ହେଲେ ବିଦ୍ୟାଳୟ ଶିକ୍ଷାର ପରବର୍ତ୍ତୀ ଶ୍ରେଣୀର ସମସ୍ତ ବିଷୟର ଦକ୍ଷତା ହାସଲ ସହଜରେ ହୋଇଥାଏ। ଜାତୀୟ ଶିକ୍ଷାନୀତି-୨୦୨୦ ରେ ପ୍ରଦତ୍ତ ମୂଳଧାରଣଗୁଡ଼ିକ ଆଧାରରେ ମୌଳିକ ପର୍ଯ୍ୟାୟ ପାଇଁ ଜାତୀୟ ପାଠ୍ୟକ୍ରମ ଆଧାର-୨୦୨୨ ପ୍ରକାଶ ପାଇଛି।

ଏଥିରେ ଶିଶୁର ସାମଗ୍ରିକ ବିକାଶ ପାଇଁ ପ୍ରତ୍ୟେକ ବିକାଶ କ୍ଷେତ୍ର ଅନ୍ତର୍ଗତ ପାଠ୍ୟକ୍ରମ ଲକ୍ଷ୍ୟ, ଦକ୍ଷତା ଓ ଶିକ୍ଷଣ ଫଳାଫଳଗୁଡ଼ିକୁ ସ୍ଥାନିତ କରାଯାଇଛି। ମୌଳିକ ପର୍ଯ୍ୟାୟରେ ଭାଷା ଶିକ୍ଷଣ ନିମନ୍ତେ ଦୁଇଟି ପାଠ୍ୟକ୍ରମ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେଗୁଡ଼ିକ ହେଲା ପାଠ୍ୟକ୍ରମ ଲକ୍ଷ୍ୟ - ୯ : ପିଲାମାନେ ଦୈନନ୍ଦିନ ଜୀବନରେ ଦୁଇଟି ଭାଷା (ମାତୃଭାଷା ଓ ମାନକ ଭାଷା) ବ୍ୟବହାର କରି ଫଳପ୍ରଦ ଭାବରେ ଭାବ ବିନିମୟ କରିବେ ଓ ପାଠ୍ୟକ୍ରମ ଲକ୍ଷ୍ୟ - ୧୦ : ପିଲାମାନେ ନିଜର ମାତୃଭାଷାରେ (ପ୍ରଥମ ଭାଷା) ପଢ଼ିବା ଓ ଲେଖିବାରେ ନିପୁଣତା ହାସଲ କରିବେ। ଉପରିଲିଖିତ ଲକ୍ଷ୍ୟ ହାସଲ ନିମନ୍ତେ ଭାଷା ଶିକ୍ଷଣର ଚାରୋଟି ପ୍ରମୁଖ ଦିଗ ଯଥା ମୌଖିକ ଭାଷା ବିକାଶ, ଡିକୋଡ଼ିଙ୍ଗ, ପଠନ ଓ ଲିଖନ ଅନ୍ତର୍ଗତ ଦକ୍ଷତା ଓ ଶିକ୍ଷଣ ଫଳାଫଳଗୁଡ଼ିକ ଧାର୍ଯ୍ୟ କରାଯାଇଛି।

ମୌଳିକ ପର୍ଯ୍ୟାୟ ପାଇଁ ଜାତୀୟ ପାଠ୍ୟକ୍ରମ ଆଧାର - ୨୦୨୨ ଅନ୍ତର୍ଗତ ଦକ୍ଷତା ଓ ଶିକ୍ଷଣ ଫଳାଫଳଗୁଡ଼ିକୁ ଆଧାର କରି ପ୍ରଥମ ଶ୍ରେଣୀ ଭାଷା ପାଠ୍ୟ ପୁସ୍ତକ 'ଝୁଲଣା-୧' (ଭାଷା ଓ ପରିବେଶ ସମନ୍ୱିତ ପାଠ୍ୟପୁସ୍ତକ) ପ୍ରସ୍ତୁତ କରାଯାଇଛି।

ଏହି ପାଠ୍ୟପୁସ୍ତକ ମାଧ୍ୟମରେ ପିଲାମାନଙ୍କର ସାଂସ୍କୃତିକ ମୂଲ୍ୟବୋଧ, ଚରିତ୍ର ନିର୍ମାଣ, ନୈତିକତା, ପରିବେଶ ପ୍ରତି ସମ୍ବେଦନଶୀଳତା, କଳା ଓ ସୌନ୍ଦର୍ଯ୍ୟବୋଧ ଆଦି ଗୁଣର ବିକାଶ ପାଇଁ ସୁଯୋଗ ସୃଷ୍ଟି କରାଯାଇଛି।

'ଝୁଲଣା-୧' (ଭାଷା ଓ ପରିବେଶ ସମନ୍ୱିତ ପାଠ୍ୟପୁସ୍ତକ) କରିବା ସମୟରେ ନିମ୍ନଲିଖିତ ଦିଗଗୁଡ଼ିକ ପ୍ରତି ଧ୍ୟାନ ଦିଆଯାଇଛି।



https://withteachers.in/

୧. ପଢ଼ିବା ଓ ଲେଖିବାର ଆରମ୍ଭ ପାଇଁ ପିଲାମାନଙ୍କ ଜୀବନ ଅନୁଭୂତି ସହ ଜଡ଼ିତ ବସ୍ତୁ, ଘଟଣା, ଚରିତ୍ର ଓ ପରିବେଶକୁ ଆଧାରଭାବେ ନିଆଯାଇଛି । ଯାହା ଦ୍ୱାରା ଶିଖିବା ଓ ଶିଖାଇବା ପ୍ରକ୍ରିୟା ସହଜ ଏବଂ ଅର୍ଥପୂର୍ଣ୍ଣ ହୋଇପାରିବ ।

୨. ଭାଷା ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଯାହାକି ଆମକୁ ଯୋଗାଯୋଗ କରିବା ସହିତ ଚିନ୍ତା କରିବା, ବୁଝିବା, ପ୍ରଶ୍ନ ପଚାରିବା ଇତ୍ୟାଦିରେ ସାହାଯ୍ୟ କରେ । ଭାଷାକୁ ବିଭିନ୍ନ ଉଦ୍ଦେଶ୍ୟରେ ଯେତେ ଅଧିକ ବ୍ୟବହାର କରାଯାଏ, ଆମର ଭାଷାଗତ ଦକ୍ଷତା ସେତେ ଦ୍ରୁତ ଗତିରେ ବିକଶିତ ହୁଏ । ତେଣୁ ଏହି ପୁସ୍ତକଟି କଥାବାର୍ତ୍ତା ହେବା, ଶୁଣିବା ସହିତ କିଛି କରିବା, କାହାଣୀ ଏବଂ କବିତା ପଢ଼ି ଆନନ୍ଦିତ ହେବା, ନୂଆ ଶବ୍ଦ ଚିହ୍ନଟ କରି ଖେଳିବା ଓ ତତ୍‌ସହିତ କଳା ଏବଂ ସଙ୍ଗୀତ ସହିତ ଜଡ଼ିତ ବିଭିନ୍ନ ପ୍ରସଙ୍ଗ ଆଧାରିତ ଶିକ୍ଷଣକାର୍ଯ୍ୟରେ ଅଂଶଗ୍ରହଣ କରିବା ପାଇଁ ଅନେକ ସୁଯୋଗ ପ୍ରଦାନ କରିବ ।

୩. ଏହି ପୁସ୍ତକରେ ପିଲାମାନଙ୍କ ଅନୁଭୂତି ଆଧାରିତ ପାଞ୍ଚଟି ପ୍ରସଙ୍ଗ ଚୟନ କରାଯାଇଛି, ଯେପରି – ଆମ ପରିବାର, ଆମ ଜୀବଜଗତ, ଆମ ଖାଦ୍ୟପାନୀୟ, ଆମ ପର୍ବପର୍ବାଣି ଓ ମେଳା ଏବଂ ଆମ ସବୁଜିମା । ଏହି ପୁସ୍ତକରେ ଉପରିଲିଖିତ ପ୍ରସଙ୍ଗ ଆଧାରିତ ମୋଟ ୨୩ ଟି ପାଠ ଦିଆଯାଇଛି । ଏହାଛଡ଼ା ପ୍ରସଙ୍ଗ ଆଧାରିତ ଆନନ୍ଦଦାୟୀ ଗୀତ ଦିଆଯାଇଛି, ଯାହା ପିଲାମାନଙ୍କ ପାଠପ୍ରତି ଉତ୍ସାହ ଓ ଜିଜ୍ଞାସାକୁ ବଢ଼ାଇବ ।

୪. ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ପୁସ୍ତକରେ ପ୍ରଦତ୍ତ ପାଠଗୁଡ଼ିକ ମାଧ୍ୟମରେ ଶ୍ରେଣୀଗୃହରେ ପିଲାମାନଙ୍କୁ ପରିଚିତ ବସ୍ତୁ/ଘଟଣା/ବ୍ୟକ୍ତି ଓ ପରିବେଶ ସହିତ ସମ୍ପର୍କିତ କରାଯାଇଛି ।

ମୌଳିକ ପର୍ଯ୍ୟାୟ ପାଇଁ ଭାଷା ଶିକ୍ଷଣର ଚାରୋଟି ଦକ୍ଷତା ହେଉଛି – ମୌଖିକ ଭାଷା ବିକାଶ, ଡିକୋଡ଼ିଂ, ପଠନ ଓ ଲିଖନ । ଏହି ଚାରୋଟି ଦକ୍ଷତାର ବିକାଶ ପାଇଁ ପାଠ୍ୟପୁସ୍ତକର ବିଭିନ୍ନ ଶିକ୍ଷଣ କାର୍ଯ୍ୟ ରଖାଯାଇଛି ।

### କ) ମୌଖିକ ଭାଷା ବିକାଶ :

ପିଲାମାନଙ୍କର ମୌଖିକ ଭାଷା ବିକାଶ (ଶ୍ରବଣ, କଥନ ଓ ଚିନ୍ତନ ଦକ୍ଷତା) ପାଇଁ ପାଠ୍ୟପୁସ୍ତକରେ ବିଭିନ୍ନ ପ୍ରକାର ଶିକ୍ଷଣକାର୍ଯ୍ୟ ଦିଆଯାଇଛି । ଶିକ୍ଷଣକାର୍ଯ୍ୟଗୁଡ଼ିକ ପାଠ ସମ୍ବନ୍ଧୀୟ ଚିତ୍ର ଆଧାରିତ ଆଲୋଚନା, କଥୋପକଥନ (ଆସ କଥା ହେବା), କବିତା ଆବୃତ୍ତି, ଆସ ଗୀତ ଗାଇବା, ଆସ କିଛି ଗଢ଼ିବା, ମେଳ କରିବା, ସାଙ୍ଗସାଥୀଙ୍କ ସହିତ ଆଲୋଚନା କରିବା, ଖୋଜିବା ଓ ଜାଣିବା ଇତ୍ୟାଦି କାର୍ଯ୍ୟ ଦିଆଯାଇଛି । ଏହି ସମସ୍ତ ଶିକ୍ଷଣକାର୍ଯ୍ୟର ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କର ଶ୍ରବଣ, କଥନ ଓ ଚିନ୍ତନ ଦକ୍ଷତା ବିକାଶ କରିବା ଓ



https://withteachers.in/

ପିଲାମାନଙ୍କୁ ନିଜ ସାଙ୍ଗମାନଙ୍କ ସହିତ ମିଶି କିଛି ନୂଆ ଗଢ଼ିବା, ପରସ୍ପରର କଥା ଶୁଣିବା, ଖୋଜିବା ଓ ଜାଣିବାର ସୁଯୋଗ ପ୍ରଦାନ କରିବା ।

### ଖ) ଡିକୋଡ଼ିଂ (ଶବ୍ଦ ଚିହ୍ନି ପଢ଼ିବା) :

ପିଲାମାନଙ୍କର ଡିକୋଡ଼ିଂ କୌଶଳକୁ ବ୍ୟବସ୍ଥିତ ଢଙ୍ଗରେ ବିକାଶ କରିବା ପାଇଁ ପାଠ୍ୟପୁସ୍ତକରେ ଯଥେଷ୍ଟ ପରିମାଣରେ ଶିକ୍ଷଣକାର୍ଯ୍ୟ ଦିଆଯାଇଛି । ପାଠ୍ୟପୁସ୍ତକରେ ଅକ୍ଷର ଓ ମାତ୍ରା ଚିହ୍ନଟ, ଯୋଡ଼ିକରି ପଢ଼ିବା (ବ୍ଲେଣ୍ଡିଙ୍ଗ), ଶବ୍ଦ ପଠନ, ବାକ୍ୟ ପଠନ ଓ ପଢ଼ିକରି ବୁଝିବା ପାଇଁ ଛୋଟଛୋଟ ଅନୁଚ୍ଛେଦ ଦିଆଯାଇଛି । ପ୍ରଥମ ଶ୍ରେଣୀରେ ପିଲାମାନେ ସମସ୍ତ ସ୍ୱର ଓ ବ୍ୟଞ୍ଜନ ବର୍ଣ୍ଣ ଏବଂ ୧୦ ଟି ମାତ୍ରା ଶିଖିବେ । ଯୁକ୍ତାକ୍ଷର ଶିକ୍ଷଣ ଦ୍ୱିତୀୟ ଶ୍ରେଣୀରୁ ଆରମ୍ଭ କରାଯାଇଛି ।

### ଗ) ପଠନ :

ପିଲାମାନଙ୍କର ପଠନ କୌଶଳ ବିକାଶ ପାଇଁ ପାଠକୁ ଶିକ୍ଷକଙ୍କ ସହାୟତାରେ ପଢ଼ିବା, ନିଜ ସାଙ୍ଗ ସହିତ ଯୋଡ଼ିରେ ପଢ଼ିବା, ସ୍ୱାଧୀନ ଭାବେ ପଢ଼ି ଶୁଣାଇବା ଭଳି ଶିକ୍ଷଣ କାର୍ଯ୍ୟ ଦିଆଯାଇଛି । ଏହା ଛଡ଼ା ପିଲାମାନଙ୍କର ପଠନ କୌଶଳ ବିକାଶ ପାଇଁ ବିଭିନ୍ନ ପ୍ରକାରର କାର୍ଯ୍ୟ ଯେପରି : ଆସ ପଢ଼ିବା, ଆସ ଗୀତଗାଇବା ଓ ଶବ୍ଦଖେଳ ଭଳି ରୁଚିକର ଶିକ୍ଷଣ କାର୍ଯ୍ୟ ଦିଆଯାଇଛି ।

### ଘ) ଲିଖନ :

ପିଲାମାନଙ୍କର ଲିଖନ କୌଶଳର ବିକାଶ ପାଇଁ ପାଠ୍ୟପୁସ୍ତକରେ ଉଭୟ ସାମଗ୍ରିକ ଓ ମୌଳିକ ଲିଖନ କାର୍ଯ୍ୟ ଦିଆଯାଇଛି । ମୌଳିକ ଲିଖନରେ ଓଡ଼ିଆ ଲିପିର ପ୍ରତୀକଗୁଡ଼ିକୁ ବୁଝିବା ଓ ଲେଖିବା ଉପରେ ଗୁରୁତ୍ୱ ଦିଆଯାଇଛି । ଉଦାହରଣ ସ୍ୱରୂପ : ଅକ୍ଷର ଓ ମାତ୍ରାକୁ ଚିହ୍ନି ଲେଖିବା, ଅକ୍ଷର ଓ ମାତ୍ରାକୁ ଯୋଡ଼ି ଶବ୍ଦ ଲେଖିବା ଓ ଶୁଣିକରି ଲେଖିବା ଇତ୍ୟାଦି କାର୍ଯ୍ୟ ମୌଳିକ ଲିଖନରେ ଅନ୍ତର୍ଭୁକ୍ତ । ସାମଗ୍ରିକ ଲିଖନର ଆରମ୍ଭ ରଙ୍ଗଦେବା ଓ ଚିତ୍ରକରିବାରୁ ହୋଇଥାଏ । ଚିତ୍ରକୁ ଦେଖି ପିଲାମାନେ ଧୀରେଧୀରେ କିଛି ଶବ୍ଦ ଓ ବାକ୍ୟ ଲେଖିବା ଆରମ୍ଭ କରନ୍ତି । ପାଠ୍ୟପୁସ୍ତକରେ ଏହା ଚେଷ୍ଟା କରାଯାଇଛି ଯେ ପିଲାମାନେ କିପରି ନିଜର ଭାବନା ଓ ଅନୁଭୂତିକୁ ଲିଖନ ଦ୍ୱାରା ଶିକ୍ଷକଙ୍କ ସହାୟତାରେ ଅଭିବ୍ୟକ୍ତ କରିପାରିବେ, ଯାହାଫଳରେ ଲିଖନ ସେମାନଙ୍କ ପାଇଁ ଅର୍ଥପୂର୍ଣ୍ଣ ଓ ପ୍ରାସଙ୍ଗିକ ହୋଇପାରିବ । ଗପ ଓ କବିତା ବିଷୟରେ ଲେଖିବା, ଶବ୍ଦଖେଳ, ଚିତ୍ର ଦେଖି ଶବ୍ଦ ଲେଖିବା, ବାକ୍ୟ ଲେଖିବା ଇତ୍ୟାଦି କାର୍ଯ୍ୟ ପିଲାମାନଙ୍କୁ ସାମଗ୍ରିକ ଲିଖନର ସୁଯୋଗ ଦେଇଥାଏ ।

ପିଲାମାନଙ୍କର ଭାଷା କୌଶଳ ବିକାଶ ନିମନ୍ତେ ଉପରୋକ୍ତ ଚାରୋଟି ଦିଗ ଉପରେ ନିୟମିତ ଓ ବ୍ୟବସ୍ଥିତ ଭାବେ କାର୍ଯ୍ୟ କରାଯିବା ଉଚିତ୍ ।



https://withteachers.in/

ଶିକ୍ଷଣ ଓ ଶିକ୍ଷାଦାନ ପ୍ରକ୍ରିୟାକୁ ଫଳପ୍ରଦ କରିବା ପାଇଁ ପାଠ୍ୟପୁସ୍ତକ ଏକମାତ୍ର ଉତ୍ସ ନୁହେଁ। ଶିକ୍ଷକ ଓ ଅଭିଭାବକ ଗୁରୁତ୍ୱ ଦେବା ଆବଶ୍ୟକ ଯେ ପାଠ୍ୟପୁସ୍ତକ ବାହାରକୁ ଯାଇ ଶିକ୍ଷଣ ହୋଇପାରିବ ଓ ଏହି ପର୍ଯ୍ୟାୟ ପାଇଁ ଉଦ୍ଦିଷ୍ଟ ଦକ୍ଷତା ହାସଲ କରାଯାଇପାରିବ।

ଶିକ୍ଷକମାନେ ପିଲାମାନଙ୍କ ସହ ମିଶି ଆକର୍ଷଣୀୟ ଏବଂ ସ୍ତରଭିତ୍ତିକ ଶିକ୍ଷଣସାମଗ୍ରୀ ପ୍ରସ୍ତୁତ କରିପାରିବେ। ପୁସ୍ତକଟିରେ ଶିକ୍ଷଣକାର୍ଯ୍ୟର କିଛି ଉଦାହରଣ ଦିଆଯାଇଛି। ସେମାନେ ପ୍ରସଙ୍ଗକୁ ଆଧାର କରି ଶବ୍ଦଖେଳ, ଖେଳଗୀତ, କବିତା ଏବଂ କାହାଣୀକୁ ଅନ୍ତର୍ଭୁକ୍ତ କରି ଶ୍ରେଣୀଗୃହରେ ବିବିଧତା ଆଣିବେ। ବିଭିନ୍ନ ସମ୍ବଳର ଉପଯୋଗ କରି ଶିକ୍ଷଣକାର୍ଯ୍ୟକୁ ଶିଶୁ ମନଲାଖି କରିବା ସହ ପଠନ ଓ ଲିଖନ ପ୍ରତି ପିଲାମାନଙ୍କୁ ପ୍ରେରିତ କରିବେ।

ଏହା ଆମର ଆଶା ଓ ବିଶ୍ୱାସ ଯେ, ଶିକ୍ଷକମାନେ ଏହି ପାଠ୍ୟପୁସ୍ତକରେ ଦିଆଯାଇଥିବା ପାଠ ଓ ଶିକ୍ଷଣ କାର୍ଯ୍ୟର ଉଦ୍ଦେଶ୍ୟଗୁଡ଼ିକୁ ଫଳପ୍ରଦଭାବରେ କାର୍ଯ୍ୟକାରୀ କରିବେ। ତତ୍‌ସହିତ ନିଜର ସୃଜନଶୀଳତାକୁ ଉପଯୋଗ କରି ଶିକ୍ଷଣ ଓ ଶିକ୍ଷାଦାନ ପ୍ରକ୍ରିୟାକୁ ଆନନ୍ଦଦାୟୀ କରିବେ।



https://withteachers.in/

# ସିଲାବସ୍ ଓ ପାଠ୍ୟପୁସ୍ତକ ସମୀକ୍ଷା ପାଇଁ କୋର୍ କମିଟି

| | | |
|---|---|---|
| ୧. | କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ଅଧ୍ୟକ୍ଷ |
| ୨. | ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ | ସଦସ୍ୟ |
| ୩. | ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୪. | ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୫. | ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା | ସଦସ୍ୟ |
| ୬. | ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୭. | ଅଧ୍ୟକ୍ଷ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୮. | ନିର୍ଦ୍ଦେଶକ, ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟ | ସଦସ୍ୟ |
| ୯. | ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ | ସଦସ୍ୟ |
| ୧୦. | ନିର୍ଦ୍ଦେଶକ, ଓଡ଼ିଶା ଭାଷା ପ୍ରତିଷ୍ଠାନ | ସଦସ୍ୟ |
| ୧୧. | ନିର୍ଦ୍ଦେଶକ, ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା | ସଦସ୍ୟ |
| ୧୨. | ଏନ୍ ସି ଇ ଆର ଟି ପ୍ରତିନିଧି | ସଦସ୍ୟ |
| ୧୩. | ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର | ସଦସ୍ୟ |
| ୧୪. | ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୋପାଳ ଏବଂ ଅଧ୍ୟକ୍ଷ, ଓ. ସି. ଏଫ, ଓଡ଼ିଶା | ସଦସ୍ୟ |
| ୧୫. | ଡକ୍ଟର ଗୋପାଳ ପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ, ସଂସ୍କୃତ ବିଭାଗ | ସଦସ୍ୟ |
| ୧୬. | ଡକ୍ଟର କିଶୋର ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷାବିତ୍ (ବିଜ୍ଞାନ) | ସଦସ୍ୟ |
| ୧୭. | ଡକ୍ଟର ବିନୟ ପଟ୍ଟନାୟକ, ମୁଖ୍ୟ ପରାମର୍ଶଦାତା, ଏନ ଏସ୍ ଟି ସି କାର୍ଯ୍ୟକ୍ରମ, ଏନ୍ ସି ଇ ଆର ଟି | ସଦସ୍ୟ |



https://withteachers.in/

| | | |
|---|---|---|
| ୧୮. | ଡକ୍ଟର ସୁଶାନ୍ତ କୁମାର ଦାସ, ପୂର୍ବତନ ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା | ସଦସ୍ୟ |
| ୧୯. | ଡକ୍ଟର ଲଳିତ କୁମାର ଲେଙ୍କା, ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ, ଏକାମ୍ର କଲେଜ, ଭୁବନେଶ୍ୱର | ସଦସ୍ୟ |
| ୨୦. | ଡକ୍ଟର ସରୋଜଲକ୍ଷ୍ମୀ ସିଂ, ଅଧ୍ୟକ୍ଷ, ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୧. | ଡକ୍ଟର ଖଗେଶ୍ୱର ଦାସ, ଇଂରାଜୀ ବିଶେଷଜ୍ଞ, ଅଧ୍ୟକ୍ଷ, ପଦ୍ମପୁର କଲେଜ, ବରଗଡ଼ | ସଦସ୍ୟ |
| ୨୨. | ଡକ୍ଟର ବଳରାମ ସାହୁ, ପ୍ରଫେସର ମାଇକ୍ରୋବାଇଓଲୋଜି, ସୋଆ ବିଶ୍ୱବିଦ୍ୟାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୩. | ଡକ୍ଟର ଗୌରାଙ୍ଗ ମହାନ୍ତି, ପଦାର୍ଥ ବିଜ୍ଞାନ ବିଶେଷଜ୍ଞ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଖଲ୍ଲିକୋଟ ସ୍ୱୟଂଶାସିତ କଲେଜ, ବ୍ରହ୍ମପୁର, ଗଞ୍ଜାମ | ସଦସ୍ୟ |
| ୨୪. | ନିର୍ଦ୍ଦେଶକ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା | ସଦସ୍ୟ ସଚିବ |




https://withteachers.in/

# ବନ୍ଦେ ଉତ୍କଳଜନନୀ

ବନ୍ଦେ ଉତ୍କଳଜନନୀ,
ଚାରୁ ହାସମୟୀ ଚାରୁ ଭାଷମୟୀ ଜନନୀ, ଜନନୀ, ଜନନୀ।।
ପୂତ-ପୟୋଧି-ବିଧୌତ-ଶରୀରା,
ତାଳତମାଳ -ସୁଶୋଭିତ - ତୀରା,
ଶୁଭ୍ରତଟିନୀକୂଳ-ଶୀକର-ସମୀରା,
ଜନନୀ, ଜନନୀ, ଜନନୀ।।
ଘନବନଭୂମି ରାଜିତ ଅଙ୍ଗେ,
ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳ କଳ ମୁଖରିତ ଚାରୁ ବିହଙ୍ଗେ,
ଜନନୀ, ଜନନୀ, ଜନନୀ।।
ସୁନ୍ଦରଶାଳି-ସୁଶୋଭିତ-କ୍ଷେତ୍ରା,
ଜ୍ଞାନବିଜ୍ଞାନ-ପ୍ରଦର୍ଶିତ-ନେତ୍ରା,
ଯୋଗୀ ରଷିଗଣ-ଉଟଜ-ପବିତ୍ରା,
ଜନନୀ, ଜନନୀ, ଜନନୀ।।
ସୁନ୍ଦର ମନ୍ଦିର ମଣ୍ଡିତ-ଦେଶା,
ଚାରୁ କଳାବଳି-ଶୋଭିତ-ବେଶା,
ପୁଣ୍ୟ ତୀର୍ଥଚୟ-ପୂର୍ଣ୍ଣ-ପ୍ରଦେଶା
ଜନନୀ, ଜନନୀ, ଜନନୀ।।
ଉତ୍କଳ ଶୂରବର-ଦର୍ପିତ-ଗେହା,
ଅରିକୁଳ-ଶୋଣିତ-ଚର୍ଚ୍ଚିତ-ଦେହା,
ବିଶ୍ୱଭୂମଣ୍ଡଳ-କୃତବର-ସ୍ନେହା,
ଜନନୀ, ଜନନୀ, ଜନନୀ।।
କବିକୁଳମୌଳିସୁନନ୍ଦନ-ବନ୍ଦ୍ୟା,
ଭୁବନବିଘୋଷିତ-କୀର୍ତ୍ତିଅନିନ୍ଦ୍ୟା,
ଧନ୍ୟେ, ପୁଣ୍ୟେ, ଚିରଶରଣ୍ୟେ,
ଜନନୀ, ଜନନୀ, ଜନନୀ।।

https://withteachers.in/



# ଆମ ଜାତୀୟ ସଙ୍ଗୀତ

"ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା
ପଞ୍ଜାବ-ସିନ୍ଧୁ-ଗୁଜୁରାଟ-ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ-ହିମାଚଳ-ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାହେ ତବ ଜୟ ଗାଥା
ଜନଗଣ-ମଙ୍ଗଳ ଦାୟକ ଜୟ ହେ,
ଭାରତ ଭାଗ୍ୟ ବିଧାତା,
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ ।"

https://withteachers.in/

# ସୂଚୀପତ୍ର


ପ୍ରସ୍ତାବନା iii

ପୁସ୍ତକ ବିଷୟରେ v

## ପ୍ରସଙ୍ଗ ୧ : ଆମ ପରିବାର

ପାଠ ୧ : ଆସ ଚିତ୍ରଦେଖି କଥା ହେବା ୧

ପାଠ ୨ : ଚକୁଳି କଲା ଚେଁ ଚାଁ (କବିତା) ୬


ପାଠ ୩ : ମୁନି ଦେଲା ହସି (କାହାଣୀ) ୧୨

ପାଠ ୪ : ଆ'ରେ କାଉ , ଆ' ଠେକୁଆ (କବିତା) ୨୦

* ଆମ ପରିବାର (କବିତା) ୨୫




## ପ୍ରସଙ୍ଗ ୨ : ଆମ ଜୀବଜଗତ




ପାଠ - ୫ : ଆସ ଚିତ୍ରଦେଖି କଥା ହେବା ୨୬

ପାଠ - ୬ : ବଡ଼ କିଏ ? (କାହାଣୀ) ୩୨

ପାଠ - ୭ : ଚଟିଆ (କବିତା) ୪୦

ପାଠ - ୮ : ବିଲୁଆର ପଇଡ଼ ପିଆ (କାହାଣୀ) ୪୬

ପାଠ - ୯ : ସଭିଏଁ ଆମର ମିତ (କବିତା) ୫୪

* ଦୁଇଟି ବଣି (କବିତା) ୫୯




https://withteachers.in/

## ପ୍ରସଙ୍ଗ ୩: ଆମ ଖାଦ୍ୟପାନୀୟ


ପାଠ ୧୦: ଆସ ଚିତ୍ରଦେଖି କଥା ହେବା ୬୦

ପାଠ ୧୧: ଆମ ଅଜା (କବିତା) ୬୪


ପାଠ ୧୨ : ହନୁମାଙ୍କଡ଼ର ଚଷମା ପିନ୍ଧା (କାହାଣୀ) ୭୦

ପାଠ ୧୩ : ରସଗୋଲାର ମଜା (କାହାଣୀ) ୭୯

* ଆମ କାମ (କବିତା) ୮୯




## ପ୍ରସଙ୍ଗ ୪ : ଆମ ପର୍ବପର୍ବାଣି ଓ ମେଳା




ପାଠ - ୧୪ : ଆସ ଚିତ୍ରଦେଖି କଥା ହେବା ୯୦

ପାଠ - ୧୫ : ଆସରେ ଯିବା ଯାତରା ଦେଖି (କବିତା) ୯୬

ପାଠ - ୧୬ : ବେଙ୍ଗଛୁଆର ରଥଯାତରା ଦେଖା (କାହାଣୀ) ୧୦୫

ପାଠ - ୧୭ : ହୋଲି (କବିତା) ୧୧୧

ପାଠ - ୧୮ : ମେଢ଼ଦେଖା (କାହାଣୀ) ୧୧୭




https://withteachers.in/

## ପ୍ରସଙ୍ଗ ୫: ଆମ ସବୁଜିମା

ପାଠ ୧୯: ଆସ ଚିତ୍ରଦେଖି କଥା ହେବା ୧୨୪

ପାଠ ୨୦: ହାତୀ ଓ କୁନିକାଉ (କାହାଣୀ) ୧୩୩

ପାଠ ୨୧ : ଉପହାର (କାହାଣୀ) ୧୩୮


* ସୁନିଗଲା ଜିତି (କବିତା) ୧୪୫

ପାଠ ୨୨ : ମୋ ଗାଆଁ (କବିତା) ୧୪୬

ପାଠ ୨୩ : ଗଡ଼ିଗଡ଼ି ଯାଏ ପଣସ (କାହାଣୀ) ୧୫୩

* ଅକ୍ଷର ଗୀତ (କବିତା) ୧୬୨








https://withteachers.in/

## ପାଠ - ୧


## ଆସ ଚିତ୍ର ଦେଖି କଥା ହେବା

## ପ୍ରସଙ୍ଗ : ଆମ ପରିବାର



**ଶିକ୍ଷକଙ୍କ ପାଇଁ ସୂଚନା :** ପିଲାମାନଙ୍କୁ ଚିତ୍ରଟି ଦେଖିବା ପାଇଁ ଯଥେଷ୍ଟ ସମୟ ଦେବେ । ପ୍ରତ୍ୟେକ ପିଲାକୁ ଚିତ୍ର ବିଷୟରେ ମୁକ୍ତଭାବେ କହିବାକୁ ସୁଯୋଗ ଦେବେ । ଚିତ୍ର ଆଧାରରେ ପିଲାମାନଙ୍କୁ ସରଳ ଓ କୌତୁକିଆ ପ୍ରଶ୍ନ ପଚାରି ଆଲୋଚନାରେ ସାମିଲ କରିବେ । ଆଲୋଚନା କାଳରେ ପିଲାଙ୍କ ଘର ଭାଷା ବ୍ୟବହାର ଉପରେ ଗୁରୁତ୍ୱ ଦେବେ ।

https://withteachers.in/



**୧. ଆସ କଥା ହେବା ।**

କ. ତୁମ ପରିବାରରେ କେଉଁମାନେ ରୁହନ୍ତି ?


ଖ. ତୁମ ପରିବାରରେ ସବୁଠାରୁ ବଡ଼ କିଏ ?

ଗ. ତୁମେ ଘରେ କେଉଁ ସବୁ ଖେଳ ଖେଳୁଛ ?


ଘ. ତୁମ ଘରେ କିଏ କେଉଁ କାମ କରନ୍ତି ?

**୨. ସାଙ୍ଗସାଥୀଙ୍କ ସହ ତଳେ ଥିବା ଚିତ୍ରକୁ ନେଇ ଆଲୋଚନା କରି କୁହ ।**






**୩. ଆସ ବିନ୍ଦୁ ଯୋଡ଼ିବା ।**





https://withteachers.in/

## ୪. ଚିତ୍ର ରେ ରଙ୍ଗ ଦେବା ।



## ୫. ଚିତ୍ରଗୁଡ଼ିକର ନାମ କହିବା ।



ଚପଲ



ଚକ




ଖଟ




ଟଗର


## ୬. ଆସ ବିନ୍ଦୁ ଯୋଡ଼ିବା ।



୭. ବିନ୍ଦୁ ଯୋଡ଼ିବା ଓ ଚିତ୍ରରେ ରଙ୍ଗ ଦେବା ।



୮. ଆସ ବିନ୍ଦୁ  ଯୋଡ଼ିବା ।





https://withteachers.in/

## ୯. ଶବ୍ଦ ଖେଳ

(ତଳେ ଲେଖାଯାଇଥିବା ଶବ୍ଦରେ ପେନ୍‌ସିଲ୍ ମଡ଼ାଇ ଶବ୍ଦଗୁଡ଼ିକ ଲେଖିବା)




ବାପା



ମାଆ

## ୧୦. କୁକୁଡ଼ାଛୁଆ ମାଆ ପାଖକୁ କିପରି ଯିବ ତାକୁ ରାସ୍ତା ଦେଖାଇବା ।





https://withteachers.in/

ପାଠ - ୨ :

ଆସ ଗାଇବା

## ପ୍ରସଙ୍ଗ : ଆମ ପରିବାର

# ଚକୁଳି କଲା ଚେଁ ଚାଁ



ମାଆ ଆଣିଲେ ଚାଉଳ ଚୂନା
ବାପା ବାଟିଲେ ବିରି,
ଜେଜୀ କରିଲେ ଚକୁଳି ପିଠା
ପିଠାପାତିଆ ଧରି ।



ଚକୁଳି କଲା ଚେଁ ଚାଁ
ଶୁଣିଲେ ଚୁନାଚୁନି,
କହିଲେ ଜେଜେ ଖାଇବା ଚାଲ
ଚକୁଳି ସାଥେ ଚିନି ।



ଜେଜେ ଫୁଟାଇଲେ ଟାକରା
ପିଲାଏ ହେଲେ ଖୁସି,
ମିଆଁଉ ମିଆଁଉ ଶବଦ କରି
ଧାଇଁ ଆସିଲା ପୁଷି ।



https://withteachers.in/

**ଶିକ୍ଷକଙ୍କ ପାଇଁ ସୂଚନା :**

- କବିତା ଆବୃତ୍ତି ସମୟରେ ଶିକ୍ଷକ/ଶିକ୍ଷୟିତ୍ରୀ ପିଲାଙ୍କୁ ଗୋଲାକାରରେ ଠିଆ କରାଇ ନିଜେ ମଝିରେ ଠିଆ ହେବେ ।
- କବିତାଟିକୁ ନିଜେ ପ୍ରଥମେ ଉପଯୁକ୍ତ ଭାବଭଙ୍ଗୀ ସହ ସ୍ୱର ଦେଇ ଦୁଇ ତିନିଥର ଆବୃତ୍ତି କରିବେ ।
- ଶିକ୍ଷକ/ଶିକ୍ଷୟିତ୍ରୀ ଗୋଟିଏ ପଦ ଅଭିନୟ ସହ ଆବୃତ୍ତି କରିବେ । ପିଲାମାନେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଅନୁକରଣ କରିବେ । ଏହିପରି ପୂରା କବିତାଟିକୁ ସମସ୍ତେ ମିଶି ଦୁଇ ତିନିଥର ଅଭ୍ୟାସ କରିବେ ।
- ଶିକ୍ଷକ/ଶିକ୍ଷୟିତ୍ରୀ ଗୋଟିଏ ପଦ ଆବୃତ୍ତି କରିବେ, ପିଲାମାନେ ଅଭିନୟ କରି ଦେଖାଇବେ ।
- ପିଲାମାନଙ୍କୁ ଦୁଇ ଦଳରେ ଠିଆ କରାଯାଇ ଗୋଟିଏ ଦଳ ଆବୃତ୍ତି କରିବେ, ଅନ୍ୟ ଦଳ ଅଭିନୟ କରିବେ ।
- ପୁଣି ଦ୍ୱିତୀୟ ଦଳ ଆବୃତ୍ତି କରିବେ । ପ୍ରଥମ ଦଳ ଅଭିନୟ କରିବେ ।
- ଶେଷରେ ସମସ୍ତେ ମିଶି କବିତାଟିକୁ ଆଉଥରେ ଅଭିନୟ ସହ ଆବୃତ୍ତି କରିବେ ।
- ଏହିଭଳି ବହିର କବିତାଗୁଡ଼ିକ ଆବୃତ୍ତି କରାଯିବ ।





https://withteachers.in/

## ୧. ଆସ କଥା ହେବା ।

କ. କିଏ ପିଠା ତିଆରି କରୁଥିଲେ ?

ଖ. ଚକୁଳିକୁ କେଉଁଥିରେ ତିଆରି କରାଯାଏ ?

ଗ. ଚକୁଳି ତିଆରି କଲାବେଳେ କିପରି ଶବ୍ଦ ହୁଏ ?

ଘ. ପିଲାମାନେ କ'ଣ ପାଇଁ ଖୁସି ହେଲେ ?

ଙ. ପୁଷି କାହିଁକି ଧାଇଁ ଆସିଲା ?

ଚ. ତୁମ ଘରେ କେଉଁସବୁ ପିଠା ତିଆରି କରାଯାଏ ?

## ୨. ତଳ ଚିତ୍ରକୁ ଦେଖିବା । ଯେଉଁ ଚିତ୍ରର ପ୍ରଥମ ଧ୍ୱନି 'ଚ' ଅକ୍ଷରରୁ ଆରମ୍ଭ ସେହି ଚିତ୍ର ତଳ କୋଠରିରେ ରଙ୍ଗ ଦେବା ।







## ୩. 'ଚ' ଅକ୍ଷରରେ ଗୋଲ ବୁଲାଇବା ।


| | | | | | |
|---|---|---|---|---|---|
| ଚ | ବ | ଚ | ଟ | ଚ | ଚ |
| ଝ | ଚ | ବ | ଠ | ନ | ତ |




https://withteachers.in/

୪. କବିତାରେ ଥିବା 'ଚ' ଅକ୍ଷର ଚାରିପଟେ ଗୋଲ ◯ ବୁଲାଇବା ଓ 'ଟ' ଅକ୍ଷର ଚାରିପଟେ ▭ ଚିହ୍ନ ଦେବା ।

୫. ଆସ 'ଚ' ଅକ୍ଷର ଲେଖିବା ।




ଚ



୬. ତଳେ ଦିଆଯାଇଥିବା ଚିତ୍ରଗୁଡ଼ିକର ନାମ କହିବା ଏବଂ ନାମର ପ୍ରଥମ ଅକ୍ଷରକୁ ସେହି ଚିତ୍ର ତଳେ ଲେଖିବା ।





୭. ସାଙ୍ଗ ସହ କଥା ହୋଇ ଚିତ୍ର ଗୁଡ଼ିକରେ ନାମ କହିବା ଏବଂ 'ଟ' ଅକ୍ଷରରୁ ଆରମ୍ଭ ହୋଇଥିବା ଚିତ୍ର ତଳେ ଥିବା କୋଠରିରେ ରଙ୍ଗ ଦେବା ।









https://withteachers.in/

୮. ସାଙ୍ଗ ସହ ଆଲୋଚନା କରି 'ଟ' ଅକ୍ଷରରେ ଗୋଲ ବୁଲାଇବା ।

| | | | | | |
|---|---|---|---|---|---|
| ଟ | ଚ | ପ | ଟ | ଖ | ଟ |
| ଚ | ଟ | ଠ | ଡ | ଟ | ଟ |

୯. ଆସ 'ଟ' ଅକ୍ଷର ଲେଖିବା ।




ଟ ଟ ଟ ଟ ଟ

୧୦. ତଳ ଚିତ୍ରରେ ରଙ୍ଗ ଦେବା ।





https://withteachers.in/

୧୧. ଚିତ୍ରକୁ ଦେଖି ତା'ର ନାମର ପ୍ରଥମ ଅକ୍ଷରକୁ ଚିତ୍ର ତଳେ ଲେଖିବା ।










୧୨. ଦେଖିଦେଖି ଲେଖିବା ।

ଠ

ଟ

୧୩. ହିଲ ଦେଖି ।

ପାକୁଆ ପାଟିକି ପାଚିଲା କେଶ,
ଧୋତି ପାଇଜାମା ମୋହର ବେଶ ।
ସୀତା, ଗୀତା ମୋର ପୁଅର ଝିଅ,
କ'ଣ ବୋଲି ମୋତେ ଡାକିବେ କୁହ ।





https://withteachers.in/

ପାଠ - ୩

ଆସ କାହାଣୀ ଶୁଣିବା

ପ୍ରସଙ୍ଗ : ଆମ ପରିବାର

# ମୁନି ଦେଲା ହସି

ଅମର ବାବୁ ମଟରଗାଡ଼ିରେ ବସି ବୁଲିବାକୁ ବାହାରିଲେ। ସାଥିରେ ଘର ଲୋକମାନେ ଥିଲେ। ମଟରଗାଡ଼ିଟି ଝରଣା କଡ଼ବାଟ ଦେଇ ଯାଉଥିଲା। ବାଟରେ ଯଅ, ମକା ଆଦି ସବୁଜ କ୍ଷେତ। ସଭିଏଁ ଖୁସିରେ ଦେଖୁଥିଲେ।





ଝରଣା ପାଖରେ ଗଛଟିଏ ଥିଲା। ଗଛ ପାଖରେ ଗାଡ଼ି ଅଟକିଲା। । ବଗଟି ସେଠାରେ ମାଛଧରି ବସିଥିଲା। ହଠାତ୍ ମାଛଟି ତା’ ପାଟିରୁ ତଳକୁ ଖସିପଡ଼ି ଛଟପଟ ହେଲା। ସେ ପୁଣି ମାଛକୁ ନେବାକୁ ଆସୁଥିଲା। ଅମର ବାବୁଙ୍କ ଝିଅ ମୁନି, ଟିକି ମାଛଟିକୁ ଧରି ନେଲା।



https://withteachers.in/

ସେ ତାକୁ ନେଇ ଝରଣା ପାଣିରେ ଛାଡ଼ିଦେଲା । ମାଛଟି ଖୁସି ହୋଇ ମୁନିକୁ ଚାହିଁଲା । ମୁନି ତାକୁ ଦେଖି ହସିଲା । ମାଛଟି ପାଣି ଭିତରକୁ  ମନଖୁସିରେ ଚାଲିଗଲା ।





https://withteachers.in/

**ଶିକ୍ଷକଙ୍କ ପାଇଁ ସୂଚନା :**

- କାହାଣୀକୁ ପଢ଼ାଇବା ପୂର୍ବରୁ ସେଥିରେ ଥିବା ଚିତ୍ର ଦେଖାଇ ପିଲାଙ୍କ ସହିତ ଆଲୋଚନା କରିବେ।
- ପିଲାମାନଙ୍କୁ କାହାଣୀ ବିଷୟରେ ଅନୁମାନ କରିବାକୁ ପ୍ରୋତ୍ସାହିତ କରିବେ ଓ କାହାଣୀକୁ ସେମାନଙ୍କ ଅନୁଭୂତି ସହିତ ଯୋଡ଼ିବେ।
- ଶିକ୍ଷକ କାହାଣୀଟିକୁ ପିଲାମାନଙ୍କୁ ଦୁଇ ତିନି ଥର ପଢ଼ି ଶୁଣାଇବେ। ଶିକ୍ଷକ କାହାଣୀଟିକୁ ଭାବଭଙ୍ଗୀ, ସ୍ୱରର ଉତ୍ଥାନ ପତନ ଆକର୍ଷଣୀୟ ଢଙ୍ଗରେ ପଢ଼ି ଶୁଣାଇବେ।
- କାହାଣୀକୁ ପଢ଼ିସାରିବା ପରେ ପିଲାମାନଙ୍କ ସହିତ ଆଲୋଚନା କରିବେ।





https://withteachers.in/

୧. ଆସ କଥାହେବା ।

କ. ଅମର ବାବୁ କେଉଁଥିରେ ବସି ବୁଲି ବାହାରିଲେ ?

ଖ. ସମସ୍ତେ କ'ଣ ଦେଖି ଖୁସି ହେଉଥିଲେ ?

ଗ. ବଗ କ'ଣ ଧରିଥିଲା ?

ଘ. ମାଛଟି କିପରି ବଞ୍ଚିଲା ?

ଙ. ମୁନି କାହିଁକି ହସିଲା ?


୨. ତଳ ଚିତ୍ରଗୁଡ଼ିକର ନାମ କହିବା । 'ମ' ଅକ୍ଷରରୁ ଆରମ୍ଭ ହୋଇଥିବା ଚିତ୍ର ତଳେ ଥିବା କୋଠରିରେ ରଙ୍ଗ ଦେବା ।



୩. ସାଙ୍ଗ ସହ କଥା ହୁଅ । 'ମ' ଅକ୍ଷରରେ ଗୋଲ ବୁଲାଇବା ।

| | | | | | | | |
|---|---|---|---|---|---|---|---|
| ଚ | ମ | ଟ | ଟ | ମ | ଚ | ନ | ଅ |
| ମ | ଅ | ଚ | ଟ | ମ | ଠ | ମ | ଚ |

୪. ଦେଖିଦେଖି ଲେଖିବା ।




ମ



https://withteachers.in/

୫. ତଳ ଚିତ୍ରକୁ ଚିହ୍ନି, ଯେଉଁ ଚିତ୍ରର ନାମ 'ଗ' ଅକ୍ଷରରୁ ଆରମ୍ଭ ତା'ର ତଳ କୋଠରିରେ (✓) ଠିକ୍ ଚିହ୍ନ ଦିଅ।







| | | | |
|---|---|---|---|
| | | | |

୬. 'ଗ' ଅକ୍ଷରରେ ଗୋଲ ବୁଲାଇବା।

| | | | | | |
|---|---|---|---|---|---|
| ଗ | ଟ | ଗ | ଖ | ମ | ଚ |
| ଗ | ଠ | ପ | ଗ | ଗ | ର |

୭. ଦେଖିଦେଖି ଲେଖିବା।




ଗ ଗ ଗ ଗ ଗ



https://withteachers.in/

୮. ତଳ ଚିତ୍ରକୁ ଚିହ୍ନି, ଯେଉଁ ଚିତ୍ରର ନାମ 'ର' ଅକ୍ଷରରୁ ଆରମ୍ଭ ତା'ର ତଳ କୋଠରିରେ (✓) ଚିହ୍ନ ଦେବା।










୯. ସାଙ୍ଗ ସହ କଥା ହୋଇ 'ର' ଅକ୍ଷରରେ ଗୋଲ ବୁଲାଇବା।

| | | | | | | |
|---|---|---|---|---|---|---|
| ଟ | ର | ର | ଚ | ଠ | ମ | ର |
| ଅ | ର | ଅ | ଚ | ର | ମ | ର |

୧୦. ଦେଖିଦେଖି ଲେଖିବା।




ର



https://withteachers.in/

୧୧. ଆସ ତଳ ଶବ୍ଦଗୁଡ଼ିକ ପଢ଼ିବା ।

| | | | |
|---|---|---|---|
| ଚଟ | ମଗ | ଗରମ | ଟଗର |
| ଚମ | ଚର | ମଗର | ମଟର |

୧୨. ଅକ୍ଷର ଯୋଡ଼ି ଶବ୍ଦ ଗଢ଼ିବା, ଲେଖିବା ଓ ପଢ଼ିବା ।

| | | | | |
|---|---|---|---|---|
| ଟ | ଗ | ର | → | ____________ |
| ମ | ଟ | ର | → | ____________ |
| ମ | ଗ | ର | → | ____________ |

୧୩. ଚିତ୍ରଗୁଡ଼ିକର ନାମ କୁହ । ଯେଉଁ ଚିତ୍ରର ନାମ 'ଅ' ଧ୍ୱନିରୁ ଆରମ୍ଭ ସେହି ଚିତ୍ର ତଳେ ରଙ୍ଗ ଦିଅ ।







୧୪. 'ଅ' ଅକ୍ଷରରେ ଗୋଲ ବୁଲାଇବା ।

| | | | | | | |
|---|---|---|---|---|---|---|
| ଅ | ଟ | ଖ | ଅ | ଗ | ଚ | |
| ଠ | ଅ | ର | ଅ | ଚ | ଅ | ଅ |




https://withteachers.in/


୧୫. ଆସ ଦେଖିଦେଖି ଲେଖିବା ।




ଥ



୧୬. ସାଙ୍ଗ ସହ କଥାହୋଇ ବିଦ୍ୟାଳୟକୁ ଯିବା ପାଇଁ ତଳ ଚିତ୍ରରେ ରାସ୍ତା ଖୋଜି ବାହାର କରିବା ।





https://withteachers.in/

ପାଠ - ୪

ଆସ ଗାଇବା

ପ୍ରସଙ୍ଗ : ଆମ ପରିବାର

# ଆ'ରେ କାଉ, ଆ ଠେକୁଆ'



ହାତକୁ ହଲାଇ ମାଆ
ଡାକିଲେ କାଉ ତୁ ଆ
କୁନା ମୋ ଖାଉଚି ବରା, କାକରା
ଖାଇବୁ ଯଦି ତୁ ଆ ।



ଆଖିକୁ ନଚାଇ ବାପା
କହିଲେ ଠେକୁଆ ଆ,
କୁନି ମୋ ପିଠିରେ ହୋଇଛି ଲାଉ
ଖେଳିବୁ ଯଦି ତୁ ଆ ।



https://withteachers.in/

## ୧. ଆସ କଥା ହେବା ।

କ. ମାଆ କାହାକୁ ଡାକିଲେ ?

ଖ. ବରା, କାକରା କିଏ ଖାଉଥିଲା ?

ଗ. ବାପା ଠେକୁଆକୁ କିପରି ଡାକିଲେ ?

ଘ. ବାପା କୁନିକୁ କେମିତି ଖେଳାଉଥିଲେ ?

ଙ. ଜେଜେବାପା, ଜେଜେମା' ତୁମ ସହିତ କିପରି ମଜା କରନ୍ତି ?

## ୨. ତଳ ଚିତ୍ରଗୁଡ଼ିକୁ ଚିହ୍ନିବା, ଯେଉଁ ଚିତ୍ରର ନାମ 'ଆ' ଅକ୍ଷରରୁ ଆରମ୍ଭ ତା' ତଳ କୋଠରିରେ ରଙ୍ଗ ଦେବା ।







## ୩. 'ଆ' ଅକ୍ଷରରେ ଗୋଲ ବୁଲାଇବା ।

| | | | | | | | |
|---|---|---|---|---|---|---|---|
| ର | ଆ | ଖ | ଆ | ଅ | ଆ | ଚ | ମ |
| ଟ | ର | ଅ | ଆ | ର | ଅ | ଚ | ଆ |



https://withteachers.in/

## ୪. ଆସ ଦେଖି ଲେଖିବା ।




ଆ   ଆ   ଆ   ଆ   ଆ

______  ______  ______  ______

## ୫. ଅକ୍ଷର ଯୋଡ଼ି ଶବ୍ଦ ଗଢ଼ିବା, ଲେଖିବା ଓ ପଢ଼ିବା ।

| | | | | | | | | |
|---|---|---|---|---|---|---|---|---|
| ଚ | ଟ | → ______ | | ଅ | ର | ଟ | → ______ |
| ଆ | ମ | → ______ | | ଆ | ମ | ର | → ______ |
| ଆ | ଗ | → ______ | | ଗ | ର | ମ | → ______ |

## ୬. ତଳ ଚିତ୍ରଗୁଡ଼ିକର ନାମ କହିବା ।






## ୭. ତଳ ଚିତ୍ରକୁ ଦେଖି ପଢ଼ିବା ।


ଗରା


ଚାରା


ଚାମଚ


ଆଚାର



https://withteachers.in/

୮. କୋଠରିରେ ଦିଆଯାଇଥିବା ପରି 'ଆ' କାର ଲଗାଇ ଖାଲି ଘରେ ଲେଖିବା ।

| | | |
|---|---|---|
| ଚ | ଚା | |
| ଗ | ଗା | |
| ମ | ମା | |
| ର | ରା | |
| ଟ | ଟା | |

୯. 'ଆ' କାର ଲଗାଇ ନୂଆ ଶବ୍ଦ ଗଢ଼ି ଖାଲି ଘରେ ଲେଖିବା ।


ଯେପରି -

| | | |
|---|---|---|
| ରଗ | → | ରାଗ |
| ଗର | → | |
| ମଗ | → | |
| ରମ | → | |

୧୦. ଅକ୍ଷର ଯୋଡ଼ି ଶବ୍ଦ ଗଢ଼ିବା, ଖାଲି ଘରେ ଲେଖିବା ଓ ପଢ଼ିବା ।

| ଅକ୍ଷର | ଶବ୍ଦ |
|---|---|
| ଚ + ଟ | ଚଟ |
| ଚା + ଟ | |
| ଅ + ର + ଟ | |
| ଆ + ଚା + ର | |







https://withteachers.in/

**୧୧. ତଳ ଶବ୍ଦଗୁଡ଼ିକ ପଢ଼ିବା ।**

| | | | | | |
|---|---|---|---|---|---|
| ଗାର | ରାଗ | ଗରା | ପାଗ | ଆଚାର | ଚାମଚ |

**୧୨. ସାରଣୀରୁ ଅକ୍ଷର ନେଇ ଶବ୍ଦ ଗଢ଼ି ଲେଖିବା ।**

| | | | |
|---|---|---|---|
| ଆ | ଚା | ର | ଅ |
| ଅ | ଟା | ବା | ର |
| ଚା | ମ | ଚ | ଟ |

ଚଟ ________ ________

________ ________ ________

**୧୩. କାଗଜକୁ ଭାଙ୍ଗି ଡ଼ଙ୍ଗା ତିଆରି କରି ତଳେ ଲଗାଇବା ।**



https://withteachers.in/

ଆସ ଗାଇବା

ପ୍ରସଙ୍ଗ : ଆମ ପରିବାର

# ଆମ ପରିବାର



ମାଆ ପରି ମୋର କିଏ ସେ ହେବ,
ଅଳି ଅଝଟ ମୋ ସବୁ ସହିବ ।



ବାପା ପରି ମୋର କିଏ ସେ ହେବ,
ମଥାକୁ ଆଉଁଶି ସାହସ ଦେବ ।



ଭଉଣୀ ପରି ମୋ କିଏ ସେ ହେବ,
ରୁଷି ବସିଥିଲେ ହସେଇ ଦେବ ।



ଆଈ ପରି ମୋର କିଏ ସେ ହେବ,
ଗପ କହି ମୋତେ ଶୁଆଇ ଦେବ ।




https://withteachers.in/

# ପାଠ - ୫


## ଆସ ଚିତ୍ର ଦେଖି କଥା ହେବା

ପ୍ରସଙ୍ଗ : ଆମ ଜୀବଜଗତ





https://withteachers.in/



**ଶିକ୍ଷକଙ୍କ ପାଇଁ ସୂଚନା :** ପିଲାମାନଙ୍କୁ ଚିତ୍ରଟି ଦେଖିବା ପାଇଁ ଯଥେଷ୍ଟ ସମୟ ଦେବେ। ପ୍ରତ୍ୟେକ ପିଲାକୁ ଚିତ୍ର ବିଷୟରେ ମୁକ୍ତଭାବେ କହିବାକୁ ସୁଯୋଗ ଦେବେ। ଚିତ୍ର ଆଧାରରେ ପିଲାମାନଙ୍କୁ ସରଳ ଓ କୌତୁକିଆ ପ୍ରଶ୍ନ ପଚାରି ଆଲୋଚନାରେ ସାମିଲ କରିବେ। ଆଲୋଚନା କାଳରେ ପିଲାଙ୍କ ଘର ଭାଷା ବ୍ୟବହାର ଉପରେ ଗୁରୁତ୍ୱ ଦେବେ।



https://withteachers.in/

## ୧. ଆସ କଥା ହେବା ।

କ. ଏହି ଚିତ୍ରରେ କ'ଣ ସବୁ ଦେଖୁଛ ?

ଖ. ଝିଅଟି କାହାକୁ ଆଦର କରୁଛି ?

ଗ. ପୁଅଟି କାହାକୁ ଦାନା ଖାଇବାକୁ ଦେଉଛି ?

ଘ. ଘରେ ପାଳୁଥିବା ପଶୁ ପକ୍ଷୀମାନଙ୍କ ନାମ କୁହ ।

ଙ. ବଣରେ ରହୁଥିବା ପଶୁ ପକ୍ଷୀମାନଙ୍କ ନାମ କୁହ ।

ଚ. ଦିଆଯାଇଥିବା ପକ୍ଷୀମାନଙ୍କର ରାବ କର । (ଶୁଆ, କାଉ, କୋଇଲି)

ଛ. ସେହିପରି ତଳେ ଦିଆଯାଇଥିବା ପଶୁମାନେ କରୁଥିବା ଶବ୍ଦକୁ ନିଜେ କର । (ବାଘ, ହାତୀ, ବିଲୁଆ, ବିଲେଇ)

## ୨. ଗାର ଟାଣି ଯୋଡ଼ିବା ।

(ପାଣିରେ ରହୁଥିବା ଜୀବମାନଙ୍କୁ ଗାରଟାଣି ପୋଖରୀକୁ ଆଣ)






https://withteachers.in/

୩. ଆସ, ସାଙ୍ଗମାନଙ୍କ ସହିତ କଥା ହେବା ।

ଆମେ କେଉଁ ପଶୁପକ୍ଷୀଙ୍କ ଠାରୁ କି ସାହାଯ୍ୟ ପାଇଥାଉ ?



୪. ଆସ ଚିତ୍ର କରିବା । (ଚିତ୍ରରେ ରଙ୍ଗ ଦେବା ଓ ତା' ନାମ ଲେଖିବା)



୫. କିଏ କେଉଁଠି ରହେ ଗାର ଟାଣି ଯୋଡ଼ିବା ।





https://withteachers.in/

## ୬. ଅକ୍ଷର ଯୋଡ଼ି ଶବ୍ଦ ଗଢ଼ିବା, ଲେଖିବା ଓ ପଢ଼ିବା ।

| | | | | | | | | | |
|---|---|---|---|---|---|---|---|---|---|
| ରା | ଗ | | → | ରାଗ | ମ | ଗ | | → | |
| ଅ | ର | ଟ | → | | ଚା | ମ | ଚ | → | |

## ୭. ଚିତ୍ର ଦେଖି ନାମ ଲେଖିବା ।







## ୮. ସାରଣୀରୁ ଅକ୍ଷରନେଇ ଶବ୍ଦ ଗଢ଼ିବା ଓ ଲେଖିବା ।

| | | | |
|---|---|---|---|
| ନା | ଚ | ମା | ଗ |
| ଚ | ମ | ଗା | ର |
| ଅ | ଗ | ର | ମ |

ନାଚ ______ ______

______ ______

______ ______

## ୯. ଶ୍ରୁତଲିଖନ ।

(ଶିକ୍ଷକ ବର୍ତ୍ତମାନ ପର୍ଯ୍ୟନ୍ତ ପଢ଼ାଯାଇଥିବା ଅକ୍ଷର ଓ ମାତ୍ରାକୁ ନେଇ ୫ ଟି ୨ ଅକ୍ଷର ବିଶିଷ୍ଟ ଶବ୍ଦ ଶ୍ରୁତଲିଖନ ପାଇଁ ଡାକିବେ)

## ୧୦. ଆସ ଖେଳିଖେଳି ଶିଖିବା ।

**(ହାତ ଆଙ୍ଗୁଳି ସାହାଯ୍ୟରେ ମୟୂରର ଚିତ୍ର କରିବା ।**

**ସୂଚନା :**

ଶିକ୍ଷକ ପିଲାମାନଙ୍କ ହାତ ପାପୁଲିରେ ରଙ୍ଗ ଛାପ ଦେଇ ମୟୂରର ଆକୃତି କରିବେ ।



https://withteachers.in/


ପାଠ - ୬

ଆସ କାହାଣୀ ଶୁଣିବା

ପ୍ରସଙ୍ଗ : ଆମ ଜୀବଜଗତ

# ବଡ଼ କିଏ

ସିଂହଟିଏ ଝରଣା ପାଖ ବରଗଛ ତଳେ ଶୋଇଥିଲା । ମଶାଟିଏ ସିଂହ କାନ ପାଖରେ ଊଁ...ଊଁ... ହୋଇ ଉଡ଼ିବୁଲିଲା । ସିଂହ କହିଲା - ମଶା, ତୁ ଏଠାରୁ ଯା... । ମଶା କହିଲା - ମୁଁ ଯିବି ନାହିଁ । ଆରେ ! ମୁଁ ତୋତେ ଡରେ ନାହିଁ ମ ?





ସିଂହର ରାଗ ହେଲା । ସେ ମଶା ଉପରକୁ ପଞ୍ଝା ଉଠାଇଲା । ମଶାଟି ଉଡ଼ିଗଲା । ସିଂହର ପଞ୍ଝା ତା' ନିଜ ଗାଲରେ ବାଜିଲା । ସିଂହର ଗାଲରୁ ରକ୍ତ ବାହାରିଲା । ମଶା ପୁଣି ଊଁ... ଊଁ... ହୋଇ ଉଡ଼ିବୁଲିଲା ।



https://withteachers.in/

ସିଂହଟି ରାଗରେ ଆଉ ଗୋଟେ ପଞ୍ଝା ଉଠାଇଲା । ଏଥର ବି ମଶାଟି ଉଡ଼ିଗଲା । ସିଂହର ପଞ୍ଝା ଯାଇ ଆର ଗାଲରେ ବାଜିଲା । ସିଂହ ଦେଖିଲା, ସେ କିଛି କରିପାରିବ ନାହିଁ । ଚୁପ୍‌ଚାପ୍  ସେଠାରୁ ଉଠି ପଳେଇଲା ।



ମଶାଟି ଯାଇ ପତର ଉପରେ ବସିଲା । ସିଂହ ଶୁଣିଲା ଭଳି ସେ କହିଲା – କେହି କେବେ ଗର୍ବ କରିବା କଥା ନୁହେଁ । ଜଙ୍ଗଲର ପଶୁ କି ମଣିଷ ହେଉ ସମସ୍ତେ ନିଜନିଜ ଅନୁସାରେ ବଡ଼ । ତେଣୁ ନିଜକୁ କେବେ ବଡ଼ ଭାବିବା ନାହିଁ ।



https://withteachers.in/

## ୧. ଆସ କଥା ହେବା ।

କ. ଗଛ ତଳେ କିଏ ଶୋଇଥିଲା ?

ଖ. ସିଂହ କ'ଣ ପାଇଁ ମଶାକୁ ଘଉଡ଼ାଉ ପାରିଲା ?


ଗ. ସିଂହର ପଞ୍ଝା ବାରମ୍ବାର କେଉଁଠି ବାଜୁଥିଲା ?

ଘ. ସିଂହ ଯିବା ପରେ ମଶା ବଣର ପଶୁପକ୍ଷୀଙ୍କୁ କ'ଣ କହିଥିବ ?

ଙ. ଆମ ନିଜ ଘର ପାଖରେ ଥିବା ମଶାଗୁଡ଼ିକୁ ଘଉଡ଼ାଇବା ପାଇଁ କ'ଣ କରିବା ?

## ୨. ଆସ ଗାର ଟାଣି ଯୋଡ଼ିବା । (କିଏ ବଡ଼ କିଏ ସାନ)

ସିଂହଠାରୁ ଆକାରରେ ବଡ଼ ଜୀବକୁ ମଝିରେ ଥିବା ସିଂହ ଚିତ୍ର ସହ ଗାର ଟାଣି ଯୋଡ଼ିବା ।





https://withteachers.in/

## ୩. ଆସ ସାଙ୍ଗସାଥୀମାନଙ୍କ ସହ କଥା ହେବା ।

କ. କେହି କେବେ ଗର୍ବ କରିବା କଥା ନୁହେଁ । ଏ କଥା କାହାଣୀରେ କାହିଁକି କୁହାଯାଇଛି ?

ଖ. ମଶାକୁ ଘଉଡ଼ାଇବା ପାଇଁ ସିଂହ ପଞ୍ଝା ମାରିଲା । ସେହିପରି ତଳେ ଥିବା ପଶୁମାନେ କ'ଣ କରିବେ କୁହ ।




## ୪. ଶବ୍ଦ ଖେଳ ।

ଗପରେ ଯେଉଁଠି ଙ, କ, ପ, ନ ଅକ୍ଷର ଅଛି ସେହି ଶବ୍ଦଗୁଡ଼ିକୁ ଚିହ୍ନି ପେନ୍‌ସିଲ୍‌ରେ ଗୋଲ ବୁଲାଇବା ।

## ୫. ଚିତ୍ର କରିବା ।

(ବିନ୍ଦୁଯୋଡ଼ି ଚିତ୍ର କର ।)





https://withteachers.in/

## ୬. ଆସ ଶବ୍ଦରୁ ଝ, କ, ପ, ନ ଅକ୍ଷର ଚିହ୍ନିବା ଓ ଗୋଲ ବୁଲାଇବା ।


**ଝ**
- ↑ ଝରଣା
- ← ସିଝା
- → ଝାଳ
- ↓ ଅଝଟ

**କ**
- ↑ ବତକ
- ← ନାକ
- → ସକାଳ
- ↓ କାନ


**ପ**
- ↑ ପର
- ← ଗପ
- → ଚପଲ
- ↓ ପାହାଡ଼

**ନ**
- ↑ ନାଳ
- ← ପାନ
- → କନକ
- ↓ ପବନ

## ୭. ଆସ ଅକ୍ଷର ଲେଖିବା ।





ଝ ଝ ଝ ଝ ଝ





କ କ କ କ କ



https://withteachers.in/




ଘ




ନ

୮. ସାରଣୀର ଅକ୍ଷର ସହ ମାତ୍ରା ଯୋଡ଼ି ଲେଖିବା ଓ ପଢ଼ିବା ।

| ଅକ୍ଷର | ଆ କାର (।) | ଅକ୍ଷର | ଆ କାର (।) |
|---|---|---|---|
| ଝ | ଝା | ଚ | |
| କ | କା | ଟ | |
| ପ | ପା | ମ | |
| ନ | ନା | ର | |

୯. ତଳ ଶବ୍ଦଗୁଡ଼ିକ ପଢ଼ିବା ।

ପର ଝର କର ନର କନକ

ପାରା ନାଚ ଝରକା ପରଟା



https://withteachers.in/

## ୧୦. ଆସ ପଢ଼ିବା ।



ଅମରର ନାଚ



ଝର କଲମ



ଗରମ ପରଟା



କଟକ ନଗର



https://withteachers.in/

୧୧. ଗଛ ଚଢୁଥିବା ପଶୁମାନଙ୍କୁ ଗଛ ପାଖକୁ ଗାର ଟାଣି ଯୋଡ଼ିବା ।



୧୨. ପଢ଼ିଥିବା କାହାଣୀ 'ବଡ଼ କିଏ' ରୁ ୫ ଟି ଶବ୍ଦ ବାଛି ଲେଖ ।



https://withteachers.in/

ପାଠ - ୭

ଆସ ଗାଇବା

ପ୍ରସଙ୍ଗ : ଆମ ଜୀବଜଗତ

# ଚଟିଆ

ଘରଚଟିଆରେ ଘରଚଟିଆ,
ହେଉଛୁ କାହିଁକି ତରବରିଆ ।
କିଚିରି ମିଚିରି ଶବଦ କରି,
ଡେଣା ଝାଡ଼ି ଆସ ଡେରି ନକରି ।





ଖୁଦ ଚାଉଳ ମୁଁ ଖୁଆଇ ଦେବି,
ତାଟିଆରେ ପାଣି ପିଆଇ ଦେବି ।
ଚାଳ ଓଳିରେ ତୁ କରିବୁ ଘର,
ଝଡ଼ି ବରଷାକୁ ନଥିବ ଡର ।

ସାଙ୍ଗ ମୋ କଥାକୁ ଭୁଲିବୁ ନାହିଁ,
ନିଇତି ଘରକୁ ଆସିବୁ ଧାଇଁ ।
ତାକ୍ ଧିନା ଧିନ୍ ନାଚିବା ଆମେ,
ଲାଗି ରହିଥିବା ଆମରି କାମେ ।





https://withteachers.in/

**୧. ଆସ କଥା ହେବା ।**

କ. ଘରଚଟିଆ କିପରି ଶବ୍ଦ କରେ ?

ଖ. ପିଲାଟି ଘରଚଟିଆକୁ କ'ଣ ଖୁଆଇ ଦେବାକୁ କହୁଛି ?

ଗ. ପିଲାଟି ଘରଚଟିଆକୁ କିପରି ପାଣି ପିଆଇଦେବାକୁ ଭାବୁଛି ?

ଘ. ଘରଚଟିଆ କେଉଁଠି ଘର କରେ ?

ଙ. ଘର ନଥିଲେ ଆମର କି ଅସୁବିଧା ହେବ ?

ଚ. ଘରଚଟିଆ ପରି ତଳ ପକ୍ଷୀଙ୍କର ଶବ୍ଦ କରି ଶୁଣାଅ । (କାଉ, କୋଇଲି, ଶୁଆ ଇତ୍ୟାଦି)

**୨. ଶବ୍ଦ ଖେଳ ।**

'ଇ' କାର ମାତ୍ରା ଲାଗିଥିବା ଅକ୍ଷର ଉପରେ ଗୋଲ ବୁଲାଇବା ।

| | | | | |
|---|---|---|---|---|
| ଗିନି | ଚଟିଆ | ଝଡ଼ି | ତାଟିଆ | ପିଠା |
| ଚିନି | ଖଟିଆ | ଉଡ଼ି | ମାଠିଆ | ମିଠା |


**୩. ସାଙ୍ଗସାଥୀମାନଙ୍କ ସହ କଥା ହେବା ।**

('ଇ' କାର ଲାଗିଥିବା ୫ ଟି ଶବ୍ଦ କୁହ)

**୪. ଚିତ୍ରର ନାମ କୁହ ଓ ଯେଉଁ ଚିତ୍ରର ନାମ 'ଇ' ଅକ୍ଷରରୁ ଆରମ୍ଭ ସେହି ଚିତ୍ର ଚାରିପଟେ ଗୋଲ ବୁଲାଇବା ।**










https://withteachers.in/

**୫. ତଳ ଶବ୍ଦରୁ 'ଇ' ଅକ୍ଷରକୁ ଚିହ୍ନି ଗୋଲ ବୁଲାଇବା ।**

ଇଟା    ଇଲିଶି    ଖଇ    ପଇତା    ପାଇକ

**୬. ଦେଖିଦେଖି ଲେଖିବା ।**




ଇ

**୭. ଅକ୍ଷରକୁ ଯୋଡ଼ି ଶବ୍ଦ ଗଢ଼ିବା, ପଢ଼ିବା ଓ ଲେଖିବା ।**

ଇ + ଟା → ______

ଗି + ନି → ______

ପା + ଇ + କ → ______






https://withteachers.in/

## ୮. ଚିତ୍ର ଦେଖି ଶବ୍ଦ ଲେଖିବା ।

 ____________

 ____________

 ____________

## ୯. ଆସ ପଢ଼ିବା ।

ଇଟା    ପାଇକ    ମାଟି    ମକା    ଝିଟିପିଟି    ଚକି    ଝରକା    ନାଚ

## ୧୦. 'ଇ କାର' ଓ 'ଆ କାର' ଯୋଡ଼ାଥିବା ଅକ୍ଷରଗୁଡ଼ିକୁ ପଢ଼ିବା ।


| ଅକ୍ଷର | ଇ କାର | ଆ କାର |
|---|---|---|
| ଚ | ଚି | ଚା |
| ମ | ମି | ମା |
| ଝ | ଝି | ଝା |
| କ | କି | କା |
| ନ | ନି | ନା |



https://withteachers.in/

## ୧୧. ଚିତ୍ରଦେଖି ପଢ଼ିବା ।


ଗିନି


ଚଟିଆ


ଚକି


ଝିଅ


ପାନିଆ

## ୧୨. ଚିତ୍ର ଦେଖି ଖାଲି ଜାଗା ପୂରଣ କରି ଲେଖିବା ।


ଗି ______


ପନି ______


ଚି ______


ବ ______ ଚା



https://withteachers.in/

## ୧୩. ପଢ଼ିବା ଓ ଲେଖିବା ।

କିଚିରିମିଚିରି ଚଟିଆ ..............................................


ପରିବା କଟା ପନିକି ..............................................

ମିରିଗ ନାଚ ..............................................

ନାଲି ପାନିଆ ..............................................

## ୧୪. କୋଲାଜ୍ କରିବା ।

ରଙ୍ଗୀନ କାଗଜକୁ କାଟି ଚଟିଆ ଦେହରେ ଲଗାଇବା ।






https://withteachers.in/

ଆସ କାହାଣୀ ଶୁଣିବା

ପ୍ରସଙ୍ଗ : ଆମ ଜୀବଜଗତ

# ବିଲୁଆର ପଇଡ଼ ପିଆ

ଉଦୁଉଦିଆ ଖରାବେଳ। ବିଲୁଆଟିଏ ବଣରେ ବୁଲୁଥିଲା। ତାକୁ ଭାରି ଶୋଷ ଲାଗୁଥିଲା। ସେ ବଣ ଭିତରେ କେଉଁଠି ଟୋପାଏ ବି ପାଣି ପାଇଲା ନାହିଁ। ପାଣି ଖୋଜୁଖୋଜୁ ସେ ପାଖ ଗାଁ ଭିତରକୁ ପଶିଗଲା। ସେଠାରେ ବଡ଼ ନଡ଼ିଆଗଛଟିଏ ଥିଲା। ସେଥିରେ ବହୁତ ପଇଡ଼ ଦେଖିଲା। ଗଛ ଉପରେ ହନୁମାଙ୍କଡ଼ଟିଏ ପଇଡ଼କୁ ଜଗି ରହିଥିଲା।



ହନୁକୁ ବିଲୁଆ ଆଗରୁ ଜାଣେ। ସେ ବଡ଼ ଲୋଭୀ। ମାଗିଲେ କିଛି ବି ଦେବନି। ଓଲଟି ରାଗରେ ଗରଗର ହେବ। ହନୁଠାରୁ ପଇଡ଼ ପାଣି ପିଇବାକୁ ବିଲୁଆ ଉପାୟଟିଏ ବାହାର କଲା।

ସେ କହିଲା - ହନୁଭାଇ, ତୁମ ଗଛର ପଇଡ଼ ପାଣି ମିଠା ତ ?

ହନୁ ରାଗିଯାଇ କହିଲା - ଆଉ କ'ଣ ଖଟା ବୋଲି ଭାବୁଛୁ ?



https://withteachers.in/

ବିଲୁଆ ନରମ ଗଳାରେ କହିଲା - ମୁଁ କହୁନି ମ ! ବଣରେ ସଭିଏଁ ତୁମ ଗଛର ପଇଡ଼ ପାଣିକୁ ଲୁଣିଆ ବୋଲି କହୁଛନ୍ତି ।

ଏହା ଶୁଣି ହନୁ ଆଉଟିକେ ରାଗିଗଲା । କହିଲା - ମିଛ... ମିଛ...ମିଛ... । ମୋ କଥା ଯଦି ବିଶ୍ୱାସ ହେଉନି ତାହାହେଲେ, ନିଜେ ପିଇକରି ଦେଖ ।





ଏହା କହି ହନୁ ରାଗରେ ଦୁଇ-ଚାରିଟା ପଇଡ଼ ଛିଣ୍ଡାଇ ତଳକୁ ପକାଇଦେଲା । ପଇଡ଼ଗୁଡ଼ିକ ଟାଣୁଆ ମାଟିରେ ପଡ଼ି ଫାଟିଗଲା । ତା' ଦେହରୁ ପାଣି ବାହାରିଲା । ଚଟାପଟ୍ ସେ ପଇଡ଼ ପାଣି ପିଇଲା । ବିଲୁଆର ଶୋଷ ଦୂର ହୋଇଗଲା । ଏଥର ସେ କହିଲା - ତୁମେ ସତ କହୁଥିଲ ହନୁଭାଇ । ତୁମ ଗଛର ପଇଡ଼ ପାଣି ଭାରି ମିଠା । ବିଲୁଆ ଠୋଠୋ ହୋଇ ହସିଲା ।



https://withteachers.in/

## ୧. ଆସ କଥା ହେବା ।

କ. ବିଲୁଆ ବୁଲୁବୁଲୁ କ'ଣ ଦେଖିଲା ?

ଖ. ନଡ଼ିଆ ଗଛକୁ କିଏ ଜଗି ରହିଥିଲା ?

ଗ. ହନୁ ବିଷୟରେ ବିଲୁଆକୁ ଆଗରୁ କ'ଣ ଜଣାଥିଲା ?

ଘ. ହନୁ କାହିଁକି ରାଗିଲା ?

ଙ. ହନୁ ରାଗିଯାଇ କ'ଣ କଲା ?

## ୨. ଫଳକୁ ଗଛ ସହିତ ଗାର ଟାଣି ଯୋଡ଼ିବା ।













https://withteachers.in/

## ୩. ଶବ୍ଦ ଖେଳ ।

ଲ, ଳ, ବ, ଠ ଅକ୍ଷର ଲାଗିଥିବା ଶବ୍ଦଗୁଡ଼ିକୁ ଗପରୁ ଚିହ୍ନିବା ଓ ତଳ କୋଠରିରେ ଲେଖିବା ।


## ୪. ଚିତ୍ରରେ ରଙ୍ଗ ଦେବା ।







https://withteachers.in/

୫. 'ଲ' ଓ 'ଳ' ଅକ୍ଷରକୁ ଶବ୍ଦରେ ଚିହ୍ନିବା। 'ଲ' ରେ ▭ ଚିହ୍ନ ଓ 'ଳ' ◯ ରେଚିହ୍ନ ଦେବା।




୬. ଆସ ଦେଖିଦେଖି ଲେଖିବା।




୭. ଆସ ଶବ୍ଦଗୁଡ଼ିକୁ ପଢ଼ିବା।

| | | | | | | |
|---|---|---|---|---|---|---|
| ଲଟା | ବଳ | ମାଳି | ଚାଳ | ଗାଲ | ମାଳ | ଲାଳ |
| ଚିଲ | ପାଳା | ବାଳକ | କପାଳ | ନାଲିଆ | ଲିଆ | |



https://withteachers.in/

## ୮. ଆସ ପଢ଼ିବା ।



କାଠ ଝରକା



ଲିପିର ନାଚ

## ୯. ଚିତ୍ର ଦେଖି ଲେଖିବା ।

 ____________

 ____________


 ____________

 ____________

## ୧୦. 'ବ' ଓ 'ଠ' ଅକ୍ଷରକୁ ଚିହ୍ନିବା ଓ 'ବ' ରେ △ ଓ 'ଠ' □ ରେ ଚିହ୍ନ ଦେବା ।

| | | | |
|---|---|---|---|
| ବଗ | କଠଉ | କାଠ | ପାଠ |
| ଆଠ | ବଳଦ | ଚାବି | ବଣ |


## ୧୧. ଆସ ଲେଖିବା ।




ବ

____________ ____________ ____________ ____________








https://withteachers.in/

ଠ ଠ ଠ ଠ ଠ ଠ

୧୨. ସାରଣୀରେ ଥିବା ଅକ୍ଷରଗୁଡ଼ିକୁ ପଢ଼ିବା । ସେହିପରି ଅକ୍ଷରଗୁଡ଼ିକରେ 'ଇ କାର' ଓ 'ଆ କାର' ଦେଇ ଖାଲି ଜାଗାରେ ଲେଖିବା ।

**ପଢ଼ିବା**

| ଅକ୍ଷର | 'ଇ' କାର | 'ଆ' କାର |
|---|---|---|
| ଲ | ଲି | ଲା |
| ଳ | ଳି | ଳା |
| ବ | ବି | ବା |
| ଠ | ଠି | ଠା |

**ଲେଖିବା**

| ଅକ୍ଷର | 'ଇ' କାର | 'ଆ' କାର |
|---|---|---|
| ଝ | | |
| କ | | |
| ପ | | |
| ନ | | |

୧୩. ଆସ ପଢ଼ିବା ।

ବର ବାଟ ବାପା ବଳ ପିଠି ଚିଠା ଗାର

ମଗ ମିଠା ଚିଠି ଆଠ ମାଠିଆ କବାଟ ଅଠର

କାଠ କବାଟ
ମିରିଗ ନାଟ

ମାଟି ମାଠିଆ
ଘରଚଟିଆ



https://withteachers.in/

## ୧୪. ଆସ ଚିତ୍ରଦେଖି କାହାଣୀ ଗଢ଼ିବା ।

(ଶିକ୍ଷକ ପିଲାମାନଙ୍କୁ ଚିତ୍ରଗୁଡ଼ିକ ଦେଖିବା ପାଇଁ କହିବେ । ପ୍ରତ୍ୟେକ ଚିତ୍ର ଉପରେ ପିଲାମାନଙ୍କ ସହିତ ଆଲୋଚନା କରିବେ । ଚିତ୍ରଗୁଡ଼ିକର ଘଟଣାଗୁଡ଼ିକୁ ନେଇ କାହାଣୀ କହିବେ । ସମସ୍ତ ପିଲାଙ୍କୁ କାହାଣୀ କହିବାକୁ ସୁଯୋଗ ଦେବେ ।)



ଚିତ୍ର ୧



ଚିତ୍ର ୨



ଚିତ୍ର ୩



https://withteachers.in/

ପାଠ - ୯

ଆସ ଗାଇବା

ପ୍ରସଙ୍ଗ : ଆମ ଜୀବଜଗତ

# ସଭିଏଁ ଆମର ମିତ



ଡାହୁକ ଡାକିଲା ଆସରେ ଆସ,
ପଶୁପକ୍ଷୀ କଥା ଜାଣିବା ଆସ ।
ବିଲୁଆ ଆମର ନନାଟି ପରା,
ହୁକେ-ହୋ ଡାକେ ରାଇଜ ସାରା ।





ବିଲେଇ ଆମର ଅଟେ ମାଉସୀ,
ଘୁମୋଉ ଥାଏ ସେ ଖଟରେ ବସି ।
ବାଘ ପରା ଆମ ମାମୁ ଅଟଇ,
ହାଉଁହାଉଁ କରି ବନେ ବୁଲଇ ।



ଭାଲୁଅଜା ଖାଏ ଖୁସିରେ ଉଇ,
ଗଛ ଚଢ଼ି ପୁଣି ମହୁ ଖାଉ ଥାଇ ।
ଗାଈ ତ ଅଟଇ ଆମରି ମାଆ,
ଭଲରେ ମନ୍ଦରେ ହୁଅଇ ସାହା
ସବୁ ଜୀବଜନ୍ତୁ ଆମରି ମିତ,
ମିଳିମିଶି ଆମେ ଗାଇବା ଗୀତ ।





https://withteachers.in/

## ୧. ଆସ କଥା ହେବା ।

କ. ଏହି ଗୀତରେ ପଶୁପକ୍ଷୀମାନଙ୍କୁ କିଏ ଡାକୁଛି ?

ଖ. ଏଠାରେ ବିଲୁଆକୁ କ'ଣ ବୋଲି ଡକାଯାଇଛି ?


ଗ. ଭାଲୁ କ'ଣ ଖାଇବାକୁ ଭଲପାଏ ?

ଘ. କାହାକୁ ଆମର ମାଆ ପରି ବୋଲି କୁହାଯାଇଛି ?

ଙ. ମାଆ'ଙ୍କ ଭାଇକୁ ଆମେ କ'ଣ କହୁ ?

ଚ. କବିତାରେ କୁହାଯାଇଥିବା ଜୀବଜନ୍ତୁଙ୍କର ସ୍ୱର ନିଜେ କରି ଶୁଣାଅ ।

## ୨. ଆସ ପଶୁମାନଙ୍କୁ ସେମାନଙ୍କ ଖାଦ୍ୟ ସହ ଗାର ଟାଣି ଯୋଡ଼ିବା ।



## ୩. ସାଙ୍ଗମାନଙ୍କ ସହିତ କଥାବାର୍ତ୍ତା ହେବା ।

ତଳେ ଦିଆଯାଇଥିବା ପଶୁପକ୍ଷୀମାନଙ୍କର ମୁଖାପିନ୍ଧି ଅଭିନୟ କରିବା ।





https://withteachers.in/

୪. ତଳ ଶବ୍ଦଗୁଡ଼ିକରୁ 'ଖ' ଅକ୍ଷର ଚିହ୍ନି ମଝି 'ଖ' ଅକ୍ଷର ସହ ଗାରଟାଣି ଯୋଡ଼ିବା।

ଅଖା ଖଜା

ଖ

ପଖାଳ

ତଳ ଶବ୍ଦଗୁଡ଼ିକରୁ 'ଉ' ଅକ୍ଷର ଚିହ୍ନି ମଝି 'ଉ' ଅକ୍ଷର ସହ ଗାରଟାଣି ଯୋଡ଼ିବା।

ଉଇ ବଉଳ

ଉ

କାଉ


ତଳ ଶବ୍ଦଗୁଡ଼ିକରୁ 'ଈ' ଅକ୍ଷର ଚିହ୍ନି ମଝି 'ଈ' ଅକ୍ଷର ସହ ଗାରଟାଣି ଯୋଡ଼ିବା।

ଈଶ ନଈ


ଈ

ଗାଈ


୫. ଆସ ଅକ୍ଷର ଲେଖିବା।



ଖ ଖ ଖ ଖ ଖ



ଉ ଉ ଉ ଉ ଉ



ଈ ଈ ଈ ଈ ଈ



https://withteachers.in/

## ୬. ଆସ ପଢ଼ିବା ।

| | | | | | |
|---|---|---|---|---|---|
| ଖରା | ଖଟା | ଖିଅ | ଖଡ଼ା | ଖପରା | ଖଡ଼ିକା |
| ଉମା | ଛଉ | କଉ | ଉପମା | ଚାଉଳ | ବାଉନ |
| ଗାଈ | ଧାଈ | ରାଈ | ଆଈ | ଈଶାନ | ଚଉଦ |

## ୭. ଆସ ଶୁଣିବା ଓ ଲେଖିବା ।

(ଶିକ୍ଷକ ବର୍ତ୍ତମାନ ପର୍ଯ୍ୟନ୍ତ ପଢ଼ାଯାଇଥିବା ଅକ୍ଷର ଓ ମାତ୍ରାକୁ ନେଇ ୩-୪ ଶବ୍ଦ ବିଶିଷ୍ଟ ଗୋଟିଏ ବାକ୍ୟ ଡାକିବେ)


## ୮. ଆସ ପଢ଼ିବା ।



ଉମା ପଖାଳ ଖାଇଲା ।



ଭାଲୁ ଉଈ ଖାଇଲା ।



ମିରିଗ ନାଚିଲା ।



ଅଳପ ଖରଚ କର ।





https://withteachers.in/

## ୯. ଶବ୍ଦ ଖେଳ ।

ଶିକ୍ଷକ ପିଲାମାନଙ୍କୁ ବିଭିନ୍ନ ପଶୁପକ୍ଷୀମାନଙ୍କର ଚିତ୍ର ଦେଖାଇବେ । ଚିତ୍ର ଦେଖି ପିଲାମାନେ ସେଥିରେ ଥିବା ଚିତ୍ରରେ ଥିବା ଶବ୍ଦରେ କେତୋଟି ଧ୍ୱନି ଅଛି କହିବେ । ଧ୍ୱନିର ସଂଖ୍ୟା ଅନୁସାରେ ସେତିକି ପିଲା ହାତ ଧରାଧରି ହୋଇ ଛିଡ଼ାହେବେ । ଦଶ / ବାରଟି ଶବ୍ଦ ସହିତ ଏହି ଶିକ୍ଷଣ କାର୍ଯ୍ୟ କରାଇବେ ।

(ଉଦାହରଣ - ବଗ ଚିତ୍ର ଦେଖାଇବେ । ପିଲାମାନେ କହିବେ ବ/ଗ କହି ଦୁଇ ଜଣ ଲୋଖାଏଁ ହାତ ଧରାଧରି ହୋଇ ଠିଆ ହେବେ ।)







https://withteachers.in/

# ଦୁଇଟି ବଣି



ଦେଖ ଦେଖ ଭାଇ
ଦୁଇଟି ବଣି,
ଛାତ ତଳେ ଆସି
ବସା କଲେଣି ।



ଗଛ ଲତା ନାହିଁ
କେଉଁଠି ଯାଇ,
ବସା କରିବେ ସେ
ଦିଅ ତା କହି ।

ଛାତ ପାଖେ ଅଛି
ଗୋଟିଏ କଣା,
ସେଇ ହେବ ତାଙ୍କ
ନୂଆ ଠିକଣା ।



ଘର କରି ଦୁହେଁ
ପାଳିବେ ଛୁଆ,
ଗୀତ ଗାଉଥିବେ
ଛୁଆ ଓ ମାଆ ।




https://withteachers.in/

## ପାଠ - ୧୦


## ଆସ ଚିତ୍ର ଦେଖି କଥା ହେବା

## ପ୍ରସଙ୍ଗ : ଆମ ଖାଦ୍ୟପାନୀୟ






https://withteachers.in/






https://withteachers.in/

## ୧. ଆସ କଥା ହେବା ।

କ. ଚିତ୍ରରେ ତୁମେ କ'ଣ ସବୁ ଦେଖୁଛ ?

ଖ. ତୁମେ ନିଜ ପରିବାର ସହ ବଜାରକୁ କାହିଁକି ଯାଅ ?

ଗ. ତୁମେ ପାଖ ବଜାରକୁ ଗଲେ କେଉଁ ଜିନିଷ ଖାଇବାକୁ ଭଲପାଅ ?

ଘ. ପାଖ ବଜାରରେ ତୁମେ ଆଉ କ'ଣ ସବୁ ଦୋକାନ ଦେଖିପାରିବ ?

ଙ. ତୁମକୁ ବଜାରରୁ କେଉଁସବୁ ଜିନିଷ କିଣିବାକୁ ଖୁସି ଲାଗେ ?


ଚ. ତୁମ ଘର ପାଇଁ ସଉଦା ଦୋକାନରୁ କ'ଣ ସବୁ କିଣାଯାଏ ?

## ୨. ସାଙ୍ଗ ସହିତ ମିଶି ପଢ଼ିବା ।

| | | | |
|---|---|---|---|
| ମାଳ | ପାଟ | ଚକା | କାଳିଆ |
| ମାଳି | ପାଟି | ଚକି | ବାଳିଆ |


| | | |
|---|---|---|
| ବିରିବରା | ଚାଉଳ ବଟା | ନାଲିଆ ପାଟ |
| ଧଳାପାରା | ପରିବା କଟା | କାଠ କବାଟ |

## ୩. ଚିତ୍ର ସହ ନାମକୁ ଗାରଟାଣି ଯୋଡ଼ିବା ।


ଇଟା


ଝରକା


ଚକି


ପନିକି



ଗିନି


ଝିଟିପିଟି



https://withteachers.in/

୪. ଚିତ୍ରର ନାମ ଯେଉଁ ଅକ୍ଷରରୁ ଆରମ୍ଭ ସେହି ଅକ୍ଷରକୁ ଖାଲି ଘରେ ଲେଖିବା ଓ ପଢ଼ିବା ।

| ଚିତ୍ର | ନାମ |
|---|---|
|  | _______ ଖି |
|  | _______ ଈ |
|  | _______ ଉ |

୫. ଅକ୍ଷର ଯୋଡ଼ି ଶବ୍ଦ ଗଢ଼ିବା, ଲେଖିବା ଓ ପଢ଼ିବା ।

| | | | | |
|---|---|---|---|---|
| ଚି | ଠି | | → | [ ] |
| ପି | ଠି | | → | [ ] |
| ଖ | ଇ | ର | → | [ ] |

୬. ସାଙ୍ଗ ସହ ମିଶି ସାରଣୀ ଦେଖିବା । ସେଥିରୁ ଅକ୍ଷର ନେଇ ଶବ୍ଦ ଗଢ଼ିବା ଓ ଲେଖିବା ।

| | | | |
|---|---|---|---|
| ପି | ରି | ବ | ଆ |
| ମ | ଠା | ମା | ଳ |
| ଝି | ନ | ଖା | ଈ |
| ପା | ଅ | ଗା | ଲ |


ପିଠା _______   _______
_______   _______
_______   _______
_______   _______

୭. ତଳେ ଦିଆଯାଇଥିବା ଅକ୍ଷରକୁ ନେଇ ଶବ୍ଦ ଗଢ଼ିବା ଓ ଲେଖିବା ।

ଗା ଈ _______    ଲା _______

ପି _______    ବ _______







https://withteachers.in/

ପାଠ - ୧୧

ଆସ ଗାଇବା

ପ୍ରସଙ୍ଗ : ଆମ ଖାଦ୍ୟପାନୀୟ

# ଆମ ଅଜା

ଅଶୀ ବରଷର ଅଜା
ଦିଶନ୍ତି ସତେକି ରଜା ।
ଖାଇବା ବେଳରେ ଗରମ ଖାଆନ୍ତି
ଭାତ ଡାଲି ଆଳୁଭଜା ।





କହନ୍ତି ଅଜା ବୁଝାଇ
ସଫାସୁତୁରାଟି ହୋଇ ।
ଆତ, ତରଭୁଜ, ଛେନା, ଦହି ଖାଅ
ଦେହ ପାଇଁ ହିତ ସେଇ ।



ଦାଆ, ଚାଙ୍ଗୁଡ଼ିକୁ ଧରି
ଯାଆନ୍ତି ଶାଗ କିଆରି ।
କୋଶଳା, କଳମ, ଲେଉଟିଆ ଆଣି
ଖାଆନ୍ତି ଖରଡ଼ି କରି ।



କହୁଥାନ୍ତି ଅଜା ହସି
ଖାଇବା ଆସନେ ବସି ।
ବାସି ଦରବକୁ ଖାଇଲେ ଜାଣିଥା
ରୋଗରେ ପଡ଼ିବା ଆସି ।



https://withteachers.in/

## ୧. ଆସ କଥା ହେବା ।

କ. ଅଜାଙ୍କ ବୟସ କେତେ ?

ଖ. ଅଜା କିପରି ଦେଖାଯାଉଛନ୍ତି ?

ଗ. କେଉଁ ଖାଦ୍ୟ ଦେହ ପାଇଁ ହିତକର ?

ଘ. ଖାଇବା ଆଗରୁ କ'ଣ କରିବା ଉଚିତ୍ ?

ଙ. ତୁମେ ଜାଣିଥିବା କିଛି ଖାଦ୍ୟର ନାମ କୁହ ।

ଚ. ବିରାଡ଼ି କ'ଣ ଖାଏ ?

ଛ. ଖାଦ୍ୟ ନଖାଇଲେ ଆମର କ'ଣ ହେବ ?


## ୨. ତଳେ କେତୋଟି ଚିତ୍ର ଦିଆଯାଇଛି । ଯେଉଁ ଚିତ୍ର ନାମରେ 'ଛ' ଅଛି ତାକୁ ଗାର ଟାଣି ଚିହ୍ନାଅ ।

ଛ










## ୩. ସାଙ୍ଗ ସହ କଥା ହୋଇ, ଶବ୍ଦଗୁଡ଼ିକରେ ଥିବା 'ଛ' ଅକ୍ଷରକୁ ଚିହ୍ନିବା ଏବଂ ଗୋଲ ବୁଲାଇବା ।

| | | | |
|---|---|---|---|
| ଛତା | ବଣ | ଛାତ | |
| କଲମ | ଛତୁ | କଇଁଛ | |
| ମାଛ | ଛପର | କରତ | ଛଣ |



https://withteachers.in/

୪. ଆସ ଦେଖିଦେଖି ଲେଖିବା ।



ଛି

୫. ଆସ ପଢ଼ିବା ।

| ଚାରି ଚାରି ଆଠ<br>ମିରିଗି କଲା ନାଟ । | ଛଅ ଛଅ ବାର<br>ଘର ଛପର କର । |
|---|---|

୬. ଅକ୍ଷର ଯୋଡ଼ି ଶବ୍ଦ ଗଢ଼ିବା, ଲେଖିବା ଓ ପଢ଼ିବା ।

ଛ ବି →


ପ ଛ →

ଛ ପ ନ →

ବ ର ଗ ଛ →

୭. ତଳ ଚିତ୍ରଗୁଡ଼ିକୁ ଚିହ୍ନିବା । ଯେଉଁ ଚିତ୍ରର ନାମରେ ଶେଷ ଅକ୍ଷର 'ଣ' ହୋଇଥିବ, ସେହି ଚିତ୍ର ତଳେ ଥିବା କୋଠରିରେ ରଙ୍ଗ ଦେବା ।









https://withteachers.in/

୮. ତଳ ଶବ୍ଦଗୁଡ଼ିକ ସାଙ୍ଗ ସହ ମିଶି ଦେଖିବା । ଯେଉଁ ଶବ୍ଦରେ 'ଣ' ଅକ୍ଷର ଅଛି, ତାହାକୁ ଗୋଲ ବୁଲାଇବା ।

| | | |
|---|---|---|
| ଶରଣ | ପତର | ମାଣ |
| ବଣ | କରୁଣ | କାରଣ |
| କାନ | ଟିଣ | ସୁମନ |

୯. ଆସ ଦେଖିଦେଖି ଲେଖିବା ।




ଣ ଣ ଣ ଣ ଣ

୧୦. ଆସ ପଢ଼ିବା ।

| | | | | |
|---|---|---|---|---|
| ଛଣ | ଛତା | ବରଣ | ମାଣିକ | ଦରପଣ |
| ବଣ | କତା | ଚରଣ | ବଣିକ | ବାଇଗଣ |




https://withteachers.in/

୧୧. ସାଙ୍ଗ ସହ ମିଶି ଶବ୍ଦଗୁଡ଼ିକୁ ଚିହ୍ନିବା । ଶବ୍ଦରେ ଥିବା 'ଦ' ଅକ୍ଷର ଚାରିପଟେ ○ ଓ 'ତ' ଅକ୍ଷର ଚାରିପଟେ △ ଦେବା ।


ତାଳ ପତର ଦାଆ ଦରପଣ ଦମକଳ

ମାଧବ ଦରବ କରତ ଗଧ ଆତ ମରତ


୧୨. ଦେଖି ଦେଖି ଲେଖିବା ।




ତ




ଦ





https://withteachers.in/

## ୧୩. ଆସ ପଢ଼ିବା ।

ବଗ ଝରଣା ପାଖକୁ ଗଲା ।

ମାଛ ଆଣିଲା ।

ମାଛ ତିଅଣ କଲା ।

କାଉକୁ ଡାକି ଖାଇବାକୁ ଦେଲା ।



## ୧୪. କହିଲ ଦେଖି ?

ମଥାରେ ମୁକୁଟ ମୋର
ହେଲେ ମୁଁ ରଜା ନୁହେଁ ।
କୁକୁଡୁ - କୁ  ଡାକି ଡାକି
ସକାଳେ ଉଠାଇ ଦିଏ ।





https://withteachers.in/

ପାଠ - ୧୨

**ଆସ କାହାଣୀ ଶୁଣିବା**

**ପ୍ରସଙ୍ଗ : ଆମ ଖାଦ୍ୟପାନୀୟ**

# ହନୁମାଙ୍କଡ଼ର ଚଷମା ପିନ୍ଧା

ଆଜି ରବିବାର। ବିରାଡ଼ି ନାନୀର ବଡ଼ ମନଦୁଃଖ। ସେ ମାଛ ନଖାଇବାରୁ ମୁହଁ ଶୁଖେଇ ଦାଣ୍ଡଦୁଆରେ ବସିଛି। ସେଦିନ ପୁଷମାସ ରବିବାର ଥିଲା। ମାଛ ଆସିବ ବା କିପରି ! ଏହି ସମୟରେ ହନୁମାଙ୍କଡ଼ କଳାଚଷମା ପିନ୍ଧି ବିରାଡ଼ି ନାନୀ ପାଖକୁ ଦୋହଲିଦୋହଲି ଆସିଲା। ସେ କହିଲା - ବିରାଡ଼ି ନାନୀ ଲୋ...ବିରାଡ଼ି ନାନୀ, ତୁ ଝଡ଼ିଯାଇ ବହୁତ କଳା ଦିଶିଲୁଣି। ମାଛକଣ୍ଟା କାଡୁକାଡୁ କରିବାକୁ ଆଉ ତୋତେ ମିଳୁନି କି ? ତୁ ଟିକେ ଡାକ୍ତର ପାଖକୁ ଯାଇ ଦେହ ଦେଖାଇ ଆସୁନୁ। ହନୁ କଥା ଶୁଣି ବିରାଡ଼ିନାନୀର ମୁହଁ ଆହୁରି ଶୁଖିଗଲା। ସେ ରଷି ବସିଲା।





https://withteachers.in/

ଠିକ୍ ଏହି ସମୟରେ ଧଡ଼ିଆ କୁକୁରଟିଏ  ସେଇ ବାଟ ଦେଇ ଯାଉଥିଲା। କୁକୁରଟି ବିରାଡ଼ି ପାଖକୁ ଆସିଲା। ସେ ବିରାଡ଼ିକୁ ପଚାରିଲା କ'ଣ ହେଲା କିଲୋ ନାନୀ? ମୁହଁଟା କାହିଁକି ଶୁଖେଇଛୁ? ବିରାଡ଼ି କହିଲା, ମୁଁ ତ ଡଉଲଡ଼ାଉଲ ଧଳା ବିରାଡ଼ି। ମୋତେ ଏ ମାଙ୍କଡ଼ କହୁଛି ମୁଁ କୁଆଡ଼େ କଳା ଦିଶୁଛି। ଧଡ଼ିଆ କୁକୁରଟି ଟିକିଏ ହସିଦେଲା। ସେ ମାଙ୍କଡ଼ ପାଖକୁ ଯାଇ କଳାଚଷମାଟି ତା' ଆଖିରୁ କାଢ଼ିଦେଲା।



ଭାଇରେ, ଏଥର ଟିକିଏ ଚାହିଁଲୁ। ଏବେ କହିଲୁ ଆମ ବିରାଡ଼ି ନାନୀ ଧଳା ନା କଳା? ହନୁ ଏଥର ନିଜ ଭୁଲ ବୁଝିଲା। ସେ କଳା ଚଷମା ପିନ୍ଧିଥିବାରୁ ଧଳା ବିରାଡ଼ି ତାକୁ କଳା ଦିଶୁଥିଲା ବୋଲି ଜାଣିପାରିଲା।

ସେମାନେ ସବୁ ଖୁସିରେ ଠୋ.......ଠୋ........ ହୋଇ ହସି ଉଠିଲେ।





https://withteachers.in/

## ୧. ଆସ କଥା ହେବା ।

କ. ଗପରେ କାହାର ମନ ଦୁଃଖ ଥିଲା ?

ଖ. କିଏ କଳା ଚଷମା ପିନ୍ଧିଥିଲା ?

ଗ. ତୁ ଝଡ଼ିଯାଇ ବହୁତ କଳା ଦିଶିଲୁଣି – ଏକଥା କିଏ କାହାକୁ କହିଛି ?

ଘ. ବିରାଡ଼ି ମନ କାହିଁକି ଦୁଃଖ କରିଥିଲା ?

ଙ. ବିରାଡ଼ି ମାଙ୍କଡ଼କୁ କାହିଁକି କଳା ଦିଶୁଥିଲା ?

ଚ. ବିରାଡ଼ି କ'ଣ ସବୁ ଖାଇବାକୁ ଭଲପାଏ ?

## ୨. ସାଙ୍ଗ ସହ କଥା ହେବା । ଶବ୍ଦଗୁଡ଼ିକର ନାମରେ ଯେଉଁଠି 'ଜ' ଅକ୍ଷର ଅଛି ତାହାକୁ ☐ ଓ 'ଧ' ଅକ୍ଷରକୁ ○ ଚିହ୍ନ ଦେବା ।


ଜଳ    ଧନୁ    କାଗଜ    ଦରମା    ଜାମା    ଧନ

ଧାରଣା    ଜଟିଆ    ଧର    ପଇତା    ଧାନ    ଧରମ    ଜାଗର

## ୩. ଆସ ଦେଖିଦେଖି ଲେଖିବା ।




ଜ







https://withteachers.in/

ଧ

ଧ ଧ ଧ ଧ ଧ

---------- ---------- ---------- ----------

**୪. ଅକ୍ଷରକୁ ଯୋଡ଼ି ଶବ୍ଦ ଗଢ଼ିବା, ଲେଖିବା ଓ ପଢ଼ିବା ।**

| | | | |
|---|---|---|---|
| ଜା ମା → | | ଅ ଧା → | |
| ଅ ଜା → | | ଧି ର → | |
| ଜ ଗ ତ → | | ଧ ର ମ → | |
| ବ ଜା ର → | | ଅ ଧ ର → | |

**୫. ଆସ ପଢ଼ିବା ।**


ଜର ଜାଲ ଜିଆ ଧନ ଧାନ ଗଧିଆ

ଜଟ ଜାମା ଜିଲାପି ଧଡ଼ି ଧଳା ଧଣିଆ

ଧଡ଼ିଆ ନଡ଼ିଆ ଖାଇଲା ।

ଅଜିତ ଜିଲାପି ଖାଇଲା ।








https://withteachers.in/

୬. ସାଙ୍ଗ ସହ କଥା ହୋଇ 'ଡ' ଅକ୍ଷରରେ ଗୋଲ ବୁଲାଇବା ।




୭. ଦେଖିଦେଖି ଲେଖିବା ।





https://withteachers.in/

୮. ସାଙ୍ଗ ହୋଇ ଅକ୍ଷର ମିଶାଇ ଶବ୍ଦ ଗଢ଼ିବା, ଲେଖିବା ଓ ପଢ଼ିବା ।

| | | | | | | | |
|---|---|---|---|---|---|---|---|
| ଡ | ର | → | | ଡା | ଳ | → | |
| ଡ | ବା | → | | ବା | ଡ଼ | → | |
| ଡା | କ | → | | ଗା | ଡ଼ି | → | |

୯. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକ ପଢ଼ିବା ।

| | | | | | | | |
|---|---|---|---|---|---|---|---|
| ଡବା | ଡିବି | ଡାଲା | ଲଡୁ | ବାଡ଼ି | ଖଡ଼ି | କାକୁଡ଼ି | ନଡ଼ିଆ |


୧୦. ଆସ ଯେଉଁ ଶବ୍ଦରେ 'ଢ' ଅଛି, ତାକୁ ମଝି 'ଢ' ସହ ଗାରଟାଣି ଯୋଡ଼ିବା ।

ଡର ଢଳ


ଢଗ ଢ ଢମଣା

କଢ଼ ଡବା

୧୧. ଆସ ଦେଖିଦେଖି ଲେଖିବା ।




ଢ



https://withteachers.in/

**୧୨. ସାଙ୍ଗ ସହ ମିଶି ପଢ଼ିବା ।**

| ଢଗ | ପିଢ଼ା | ଢମଣା | ପଢୁଆ | ଝଗଡ଼ା | ଗଢ଼ିବା | କଢ଼ |
|---|---|---|---|---|---|---|

ପାରା ମୁଢ଼ି ଆଣିଲା ।
ଡାମରା ବଢ଼ିଆ ଲଡୁ ଆଣିଲା ।
ପାରା ଲଡୁ ଚାଖିଲା ।
ଡାମରାକୁ ମୁଢ଼ି ଦେଲା ।
ଡାମରା ମୁଢ଼ିଖାଇ ନାଚିଲା ।



**୧୩. ଚିତ୍ରର ନାମ ଖାଲି ଘରେ ଲେଖିବା ଓ ପଢ଼ିବା ।**


________ ଖାଅ ।


________ ଚାଖ ।


________ ଧର ।


________ ଆଣ ।


________ ଲଗାଅ ।


________ ଖାଅ ।



https://withteachers.in/

୧୪. ଆସ ତଳେଥିବା ଅକ୍ଷରଗୁଡ଼ିକରେ 'ଉ' କାର ମାତ୍ରା ଯୋଡ଼ି ପଢ଼ିବା ।

| | | | | |
|---|---|---|---|---|
| କ | ଚ | ଦ | ପ | ନ |
| କୁ | ଚୁ | ଦୁ | ପୁ | ନୁ |

୧୫. ତଳ ଅକ୍ଷରଗୁଡ଼ିକରେ 'ଉ' କାର ମାତ୍ରା ଯୋଡ଼ି ଲେଖିବା ।


| | | | | | | | | | |
|---|---|---|---|---|---|---|---|---|---|
| ହ | ତ | ଗ | ଘ | ଛ | ଜ | ଧ | ଫ | ଲ | ଶ |
| ହୁ | | | | | | | | | |

୧୬. ଆସ ତଳ ଶବ୍ଦଗୁଡ଼ିକ ପଢ଼ିବା ।

| | | | | |
|---|---|---|---|---|
| ଗୁଆ | ଆଳୁ | ଗରୁଡ଼ | କୁଡ଼ିଆ | ଶଗଡ଼ |
| ଗୁଡ଼ | ଆଖୁ | କୁକୁଡ଼ା | ନଡ଼ିଆ | ପଗଡ଼ି |

୧୭. ତଳେ ଲେଖାଯାଇଥିବା ଅକ୍ଷରଗୁଡ଼ିକୁ ସଜାଡ଼ି ଶବ୍ଦ ଲେଖିବା ଓ ପଢ଼ିବା ।

| | | | |
|---|---|---|---|
| ରବପ | | ମରନ | |
| ଆପିଜ | | ରକୁକୁ | |
| ନଧ | | ଣିପା | |






https://withteachers.in/


## ୧୮. 'ଉ' କାର ଲଗାଇ ନୂଆ ଶବ୍ଦ ଲେଖିବା ଓ ପଢ଼ିବା ।


| | | | | | |
|---|---|---|---|---|---|
| ଖର | ଖୁର | ମଗ | | କଲା | |
| ଗଡ଼ | | ବଟ | | ଝଡ଼ି | |

## ୧୯. ଛବି ଓ ଶବ୍ଦ ମିଶାଇ ପଢ଼ିବା ।

 ଆଉ  ଦୁଇ ମିତ ।

ବଣରୁ  ଆସିଲା ।

  କୁ ଖାଇବାକୁ ମନ କଲା ।

  କୁ ଡାକିଲା ।

 ଡରି ପଳାଇଲା ।



https://withteachers.in/

ପାଠ - ୧୩

ପ୍ରସଙ୍ଗ : ଆମ ଖାଦ୍ୟପାନୀୟ

ଆସ କାହାଣୀ ଶୁଣିବା

# ରସଗୋଲାର ମଜା

ଶେଯରେ ଶୋଇ ସନା ସପନ ଦେଖୁଥିଲା । ସେ ବହି ଧରି ପଢୁଛି । ତା’ ନାକରେ ରୋଷେଇ ବାସନା ବାସିଲା । ସେ ରୋଷେଇ ଘରକୁ ଅନେଇଲା । ସେଠାରେ ତାଟିଆରେ ଥିବା ରସଗୋଲାଗୁଡ଼ିକ ଦେଖି ତା’ ପାଟିରୁ ଲାଳ ଗଡ଼ିଲା । ପୁଣି ଡାଲାରେ ପାଚିଲା ପିଜୁଳି ଓ କମଳା ।






https://withteachers.in/

ସେ ଦେଖିଲା ମାଆ ଭାତ, ଡାଲି, ଶାଗଭଜା ରୋଷେଇ ସାରି ଘରକୁ ବାହାରିଗଲେ । ସନା ଶୁଆଟିଏ ପାଳିଥାଏ । ତା’ ନାଆ ଦେଇଥାଏ  ମିଟୁଆ । ସେ କହିଲା ମିଟୁଆରେ ତୁ ଖାଇବୁ ପିଜୁଳି  ମୁଁ ଖାଇବି ରସଗୋଲା । ରସଗୋଲା କି ସୁଆଦ ସତେ ! ସେ ଏଣେତେଣେ ଅନେଇ ରୋଷେଇ ଘରକୁ ପଶିଲା । ସେ ସେଠାକୁ ଯାଇ ରସଗୋଲା ତାଟିଆକୁ ଯେମିତି ହାତ ବଢ଼େଇଛି, ଦୁଇଟି ଅସରପା ସେଠାରେ ତା’ ଆଡ଼କୁ ନିଶ ଫୁଲେଇ ବଡ଼ବଡ଼ ଆଖିରେ ଚାହିଁଲେ ।





https://withteachers.in/



ତା'ର ଅସରପାକୁ ଭାରି ଡର । ତେଣୁ ସେ ଭୟରେ ମାଆ..ମାଆ ଡାକି ସେଠାରୁ ପଳେଇ ଆସିଲା । ସେ ଆସୁଆସୁ ରୋଷେଇ ଘର ଦୁଆରରେ ମାଡ଼ ହୋଇଗଲା ।



ତା' ନିଦ ଭାଙ୍ଗିଗଲା । ହେଲେ ରସଗୋଲା ନଥିଲା । ସେ ଖାଲି ଶେଯରେ ବସି ପାଟି ଚାକୁଚାକୁ କରୁଥିଲା ।



https://withteachers.in/

## ୧. କଥା ହେବା ।

କ. କିଏ ଶୋଇ ସପନ ଦେଖୁଥିଲା ?

ଖ. ସନାର ପାଟିରୁ କାହିଁକ ଲାଳ ବାହାରିଲା ?

ଗ. ଝୁଡ଼ିରେ କ'ଣ ସବୁ ଥିଲା ?


ଘ. ମିଟୁଆ କିଏ ?

ଙ. ସନା ଆସୁଆସୁ କେଉଁଠି ମାଡ଼ ହୋଇଗଲା ?

ଚ. ସନାର ନିଦ କାହିଁକି ଭାଙ୍ଗିଗଲା ?

ଛ. ତୁମେ ଦେଖିଥିବା ସପନ ବିଷୟରେ ଶ୍ରେଣୀରେ ସମସ୍ତଙ୍କୁ ଶୁଣାଅ ।

## ୨. ଚିତ୍ରଗୁଡ଼ିକର ନାମ କହିବା । 'ଶ' ଅକ୍ଷରରୁ ଆରମ୍ଭ ହୋଇଥିବା ଚିତ୍ରରେ ◯ ଗୋଲ ବୁଲାଇବା ।







## ୩. ସାଙ୍ଗ ସହ କଥାହୋଇ ଶବ୍ଦଗୁଡ଼ିକରେ ଥିବା 'ଶ' ଅକ୍ଷର କୁ ଚିହ୍ନିବା ଓ ଗୋଲ ବୁଲାଇବା ।

ଶଗଡ଼

ଧବଳ ଶ ଧନୁ

ଖବର ଶିଉଳି

## ୪. ଆସ ଦେଖିଦେଖି ଲେଖିବା ।




ଶ ଶ ଶ ଶ ଶ

------------------- ------------------- ------------------- -------------------



https://withteachers.in/

**୫. ଅକ୍ଷର ଯୋଡ଼ି ଶବ୍ଦ ଗଢ଼ିବା, ଲେଖିବା ଓ ପଢ଼ିବା ।**

ଶ + ର → ______

ଶୁ + ଆ → ______

ମ + ଶା → ______

ଶା + ଗୁ + ଆ → ______

ଶ + ଗ + ଡ଼ → ______

**୬. ଆସ ପଢ଼ିବା ।**

| | | | | |
|---|---|---|---|---|
| ଶର | ଶୁଆ | ଶଗଡ଼ | ଶହେ | ଶାଳକାଠ |
| ଶାମୁକା | ଶାଗ | ଶିକୁଳି | ଶିଆଳି | ଶାଗୁଆ |

ଶିଆଳି ଲଟା, ଶାଗୁଆ ପତର

**୭. 'ଷ' ଅକ୍ଷର ଥିବା ଶବ୍ଦ ତଳେ ଥିବା କୋଠରିରେ ଠିକ୍ (✓) ଚିହ୍ନ ଦେବା ।**

| | | | | |
|---|---|---|---|---|
| କାକୁଡ଼ି | ଚାଷ | ଆଖୁ | ଷଠି | ମଣିଷ |
| ○ | ○ | ○ | ○ | ○ |



https://withteachers.in/

୮. ଦେଖିଦେଖି ଲେଖିବା ।




ଷ


| | | | | | | | | |
|---|---|---|---|---|---|---|---|---|
| କ | ଷା | → | | ବ | ର | ଷ | → | |
| କ | ଷି | → | | ମ | ଣି | ଷ | → | |
| ଚା | ଷ | → | | ଚ | ଷ | ମା | → | |

୯. ଅକ୍ଷର ଯୋଡ଼ି ଶବ୍ଦ ଗଢ଼ିବା, ଲେଖିବା ଓ ପଢ଼ିବା ।

୧୦. ଆସ ପଢ଼ିବା ।

କଷି ଚାଷ ଚଷମା ମଣିଷ

ମେଷ କଷା ଆଷାଢ଼ ଷାଠିଏ






https://withteachers.in/

୧୧. ଚିତ୍ରଗୁଡ଼ିକର ନାମ କହିବା। ଯେଉଁ ଚିତ୍ରର ନାମ 'ସ' ଅକ୍ଷରରୁ ଆରମ୍ଭ ସେଥିରେ ଗୋଲ ବୁଲାଇବା।








୭

୧୨. ମଝିରେ ଥିବା 'ସ' ଅକ୍ଷରକୁ 'ସ' ଅକ୍ଷର ଥିବା ଶବ୍ଦ ସହ ଗାର ଟାଣି ଯୋଡ଼ିବା।

| | | |
|---|---|---|
| ସତ | | କପା |
| ମଠା | ସ | ସକାଳ |
| ସଜ | | ସର |

୧୩. ଆସ ଦେଖିଦେଖି ଲେଖିବା।




ସ ସ ସ ସ ସ

_______ _______ _______ _______



https://withteachers.in/

## ୧୪. ଆସ ପଢ଼ିବା ।


| | | | | |
|---|---|---|---|---|
| ସାପ | ସତ | ସପୁରି | ସାଗର | ସରଗ |
| ସୁଜି | ସୁନା | ସକାଳ | ବାସନ | ସଡ଼କ |

ଖରାଦିନ ଗଲା ।
ବରଷା ଦିନ ଆସିଲା ।
ବରଷା ପାଣି ବରଷିଲା ।
ଗଛ ପତର ଶାଗୁଆ ଦିଶିଲା ।

## ୧୫. 'ଏ' ଅକ୍ଷର ଥିବା ଶବ୍ଦ ସହ 'ଏ' ଅକ୍ଷରକୁ ଗାର ଟାଣି ଯୋଡ଼ିବା ।

| | | |
|---|---|---|
| ଆଈ | | ଏମୁ |
| ଏକତା | | ଫସଲ |
| ଏଗାର | ଏ | ଏକ |
| କମଳା | | ନଈ |








https://withteachers.in/

୧୬. ଆସ ଦେଖିଦେଖି ଲେଖିବା ।




ଏ

୧୭. 'ଏ' ଅକ୍ଷରକୁ ନେଇ ପଢ଼ିବା ଓ ଶବ୍ଦ ଲେଖିବା । ଯେପରି ଏ-ଗାର = ଏଗାର ।

ଏଗାର

ଗାର


କାଠି — ଏ — ସବୁ

ପରି

୧୮. ସାରଣୀରୁ ଅକ୍ଷର ନେଇ ଶବ୍ଦ ଗଢ଼ିବା ।

| | | | |
|---|---|---|---|
| ଶ | ଏ | କ | ଧ |
| ର | କ | କ୍ଷି | ନ |
| ସା | ମା | ଘା | ରା |
| ପ | ସ | ସ | ତି |


ଶର








https://withteachers.in/

## ୧୯. ଚିତ୍ର ଦେଖି ତା'ର ନାମ ଲେଖିବା ।

 ☐

 ☐

 ☐


 ☐

 ☐

୧୧ ☐

## ୨୦. ଆସ ପଢ଼ିବା ।

ଆଷାଢ଼ ମାସର ଶେଷ ଶନିବାର ।
ସନିଆ ଥଳିଟିଏ ଧରି ହାଟକୁ ଗଲା ।
ଶାଗ, ସାରୁ, କଷି କାକୁଡ଼ି କିଣିଲା ।
ଏସବୁ ଧରି ଖୁସିରେ ଘରକୁ ଫେରିଲା ।





https://withteachers.in/

# ଆମ କାମ



ସକାଳୁ ଉଠି ଦାନ୍ତ ଘସିବା


ଖାଇବା ଆଗରୁ ହାତ ଧୋଇବା ।






ଆସନ ଉପରେ ବସି ଖାଇବା

ନଳ କୂଅ ପାଣି ପିଇବା ।





ଗରମ ଗରମ ଖାଦ୍ୟ ଖାଇବା

ନିୟମିତ ଆମେ ନଖ କାଟିବା ।





ସଫାସୁତୁରା ଜାମା ପିନ୍ଧିବା ।

ସୁନ୍ଦର ଦିଶିବା ସୁସ୍ଥ ରହିବା ।






https://withteachers.in/

## ପାଠ - ୧୪


# ପ୍ରସଙ୍ଗ : ଆମ ପର୍ବପର୍ବାଣି ଓ ମେଳା

## ଆସ ଚିତ୍ରଦେଖି କଥା ହେବା





https://withteachers.in/






https://withteachers.in/

## ୧. ଆସ କଥା ହେବା ।

କ. ତୁମ ଭିତରୁ କେଉଁମାନେ ମେଳା ଦେଖିବାକୁ ଯାଇଛ ?

ଖ. ମେଳାରେ ତୁମକୁ କ'ଣ ସବୁ ଭଲ ଲାଗିଲା ?

ଗ. ବାପାଙ୍କ କାନ୍ଧରେ ବସିଥିବା ଝିଅଟି କେଉଁ ଖେଳଣା କିଣିବ ?

ଘ. ଦୁଇ ଚକିଆ ଚଉକିରେ ବସିଥିବା ପିଲାଟି କେଉଁ ଦୋକାନୀ ପାଖରେ ରହିଛି ?

ଙ. ତୁମେ ଦେଖିଥିବା ମେଳାର ନାମ କୁହ ।

ଚ. ତୁମେ କାହା ସହିତ ମେଳା ବୁଲିଯିବାକୁ ପସନ୍ଦ କରିବ ଓ କାହିଁକି ?

ଛ. ମେଳାରେ ଥିବା ଖେଳ ଭିତରୁ ତୁମକୁ କେଉଁଟି ଭଲ ଲାଗେ ?

## ୨. ଗାରଟାଣି ଯୋଡ଼ିବା ।

(କିଏ କ'ଣ ବିକ୍ରି କରୁଛନ୍ତି ଗାରଟାଣି ଯୋଡ଼)










https://withteachers.in/

**୩. ଆସ ଚିତ୍ର କରିବା ।** (ଆସ ଭଳିଭଳିକା ବେଲୁନ୍‌ରେ ଅଲଗାଅଲଗା ରଙ୍ଗ ଦେବା)



**୪ . ସାଙ୍ଗସାଥୀଙ୍କ ସହ କଥାହେବା ।**

ତୁମକୁ ଯଦି ମେଳାରେ ଦୋକାନ ଖୋଲିବାକୁ କୁହାଯାଏ, କେଉଁ ଦୋକାନ କରିବ ଓ କାହିଁକି ?



https://withteachers.in/

**୫. ଶବ୍ଦଖେଳ ।** (ନିମ୍ନଲିଖିତ ଅଭ୍ୟାସ କାର୍ଯ୍ୟଗୁଡ଼ିକ ଶିକ୍ଷକଙ୍କ ସହାୟତାରେ କରାଯିବ ।)

କ. ତଳ ଚିତ୍ରମାନଙ୍କ ମଧ୍ୟରୁ ଅଲଗା ଲାଗୁଥିବା ଚିତ୍ରରେ ଗୋଲ ବୁଲାଇବା ।






ଖ. ପୂର୍ବ ମେଳା ଚିତ୍ରରେ ଦିଆଯାଇଥିବା ଯେକୌଣସି ୫ଟି ଜିନିଷର ନାମ ଲେଖିବା ।

ଗ. ତୁମେ ମେଳା ବୁଲିଗଲେ କ'ଣ ସବୁ ଖାଇବାକୁ ଇଚ୍ଛା କର । ଆସ ତଳ କୋଠରିରେ ଲେଖିବା ।

ଘ. ତୁମେ ମେଳାରେ କ'ଣ ସବୁ ଖେଳଣା କିଣିବ ଆସ ତଳ କୋଠରିରେ ଲେଖିବା ।



https://withteachers.in/

## ୬. ଆସ ଖେଳିବା ।

* ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ସୂଚନା ଅନୁସାରେ ପିଲାମାନେ ହାତ ଧରାଧରି ହୋଇ  ଗୋଲାକାରରେ ଠିଆ ହେବେ ।
* ଶିକ୍ଷକ ନିଜେ ଗୋଲ ଭିତରେ ଠିଆ ହେବେ । ତାଳି ବଜାଇ କହିବେ –

  କୁହରେ ପିଲାଏ କୁହ,<br>
  ଯେଉଁ ଜିନିଷର ଦେହଟି ଲାଲ<br>
  ନାମଟି ତା'ର କୁହ ।

* ପିଲାମାନେ ଉତ୍ତର ଦେବେ । (ଅନ୍ୟ ପିଲାମାନେ ତାଳିମାରି ତାଙ୍କୁ ଉତ୍ସାହିତ କରିବେ) ।
* ଏହାପରେ ଶିକ୍ଷକ ଯାଇ ଗୋଟିଏ  ପିଲାର ମୁଣ୍ଡରେ ହାତ ରଖି କହିବେ ।

  କହରେ ଧନ କହ,<br>
  କେଉଁ ପରିବାଟି  ଦିଶଇ ଲାଲ<br>
  ନାମଟି ତା'ର କହ ।

* ପିଲାଟି ଲାଲ ଦିଶୁଥିବା ଗୋଟିଏ ପରିବାର ନାମ କହିବ ।
* ପିଲାଟି ପରିବାର ନାମ କହିବା ପରେ, ସେହି ନାମକୁ ନେଇ ଗୋଟିଏ ଛୋଟ ବାକ୍ୟ କହିବ ।
* ଏହିପରି ବିଭିନ୍ନ ରଙ୍ଗକୁ ଆଧାର କରି ଫଳ, ପନିପରିବା ତଥା ଅନ୍ୟ ଜିନିଷର ନାମ କହି ଖେଳକୁ ଆଗକୁ ବଢ଼ାଅ ।




https://withteachers.in/

ପାଠ - ୧୫

ପ୍ରସଙ୍ଗ : ଆମ ପର୍ବପର୍ବାଣି ଓ ମେଳା

ଆସ ଗାଇବା

# ଆସରେ ଯିବା ଯାତରା ଦେଖି



ଆସରେ ଆସରେ ଯିବା ଯାତରା ଦେଖି,
ଯିବା ବରଗଡ଼ ଧନୁ ଯାତରା ଦେଖି,
କଂସ ମାମୁ କରୁଛନ୍ତି ଧନୁ ଯାତରା,
କୃଷ୍ଣ ବଳରାମଙ୍କୁ ହୋଇଛି ଡାକରା,
ସଅଳ ଘରୁ ବାହାର ସାଙ୍ଗ ହୋଇକି,
ଆସରେ ଆସ ଯିବା ଯାତରେ ଦେଖି ।



ଆସରେ ଆସରେ ଯିବା ଯାତରା ଦେଖି,
ଯିବା ଗଞ୍ଜାମର ଦଣ୍ଡ ଯାତରା ଦେଖି,
ଧୂଳିଦଣ୍ଡ ଖରାବେଳେ ବୁଲି ଦେଖିବା,
ମା' କାଳୀଙ୍କର ଆଶିଷ ନେବା,
ଢ଼ୋଲର ତାଳେ ନାଚିବା ଥେଇ ଥେଇକି,
ଆସରେ ଆସ ଯିବା ଯାତରେ ଦେଖି ।



https://withteachers.in/

ଆସରେ ଆସରେ ଯିବା ଯାତରା ଦେଖି,
ଯିବା କଟକର ବାଲି ଯାତରା ଦେଖି,
ବୋଇତ ବନ୍ଦାଣ ଆଉ ଆଲୁଅ ସଜା,
ଦେଖିବା ପସରା କେତେ ଲାଗିବ ମଜା,
ଖାଇବା ଘୁଗୁନି ଦହିବରା ମିଶିକି,
ଆସରେ ଆସ ଯିବା ଯାତରେ ଦେଖି ।





ଆସରେ ଆସରେ ଯିବା ପରବ ଦେଖି,
ଯିବା କୋରାପୁଟର ପରବ ଦେଖି,
ବଜାଇବା ତିଡ଼ିବିଡ଼ି, ତୂରୀ, ମଇରି,
ଗାଇବା କୋରାପୁଟିଆ ଗୀତ ଆମରି,
ଢେମସା ନାଚିବା ଆମେ ସାଙ୍ଗ ହୋଇକି,
ଆସରେ ଆସ ଯିବା ପରବ ଦେଖି ।



https://withteachers.in/

## ୧ . ଆସ କଥା ହେବା ।

କ. କବିତାରେ କେଉଁ ସବୁ ଯାତରା ବିଷୟରେ କୁହାଯାଇଛି ?

ଖ. କଂସ ରାଜା ଧନୁ ଯାତରା ଦେଖିବାକୁ କାହାକୁ ଡାକିଛନ୍ତି ?

ଗ. ଦଣ୍ଡ ଯାତରା ଓଡ଼ିଶାର କେଉଁ ଅଞ୍ଚଳରେ ହୁଏ ?

ଘ. ବାଲି ଯାତରାରେ କ'ଣ ସବୁ ଦେଖିବାକୁ ମିଳେ କୁହ ?

ଙ. କୋରାପୁଟ ପରବରେ କେଉଁ ନାଚ ବିଷୟରେ କୁହାଯାଇଛି ?

## ୨ . ଶବ୍ଦ ଖେଳ । (ବାକ୍ୟକୁ ଉପଯୁକ୍ତ ଚିତ୍ର ସହ ଗାରଟାଣି ଯୋଡ଼)


କଂସ ମାମୁଙ୍କର ଧନୁଯାତରା





ବୋଇତ ବନ୍ଦାଣ ଆଉ ଆଲୁଅ ସଜା

ଢୋଲର ତାଳେ ନାଚିବା ଥେଇ ଥେଇକି



ଢେମସା ନାଚିବା ଆମେ ସାଙ୍ଗ ହୋଇକି





https://withteachers.in/

## ୩. କବିତାରୁ ଠିକ୍ ଶବ୍ଦ ବାଛି ବାକ୍ୟ ପୂରଣ କରିବା ।

କ. ____________ କରୁଛନ୍ତି ଧନୁଯାତରା (କଂସମାମୁ / ଜହ୍ନମାମୁ)

ଖ. ଯିବା ____________ ଦଣ୍ଡ ଯାତରା ଦେଖି (କଟକର / ଗଞ୍ଜାମର)


ଗ. ଖାଇବା ଘୁଗୁନି ____________ ମିଶିକି (ବରା / ଦହିବରା)

## ୪. ଏକାପରି ଶୁଭୁଥିବା ଶବ୍ଦଗୁଡ଼ିକୁ ଲେଖିବା ।

ଯେପରି -

| | | | | |
|---|---|---|---|---|
| ଝରା | ଖରା | ବରା | ଗରା | ଧରା |
| ଘର | ପର | ________ | ________ | ________ |
| ହଳ | ବଳ | ________ | ________ | ________ |
| ଓଟ | ଖଟ | ________ | ________ | ________ |

## ୫. ଆସ ଚିତ୍ର କରିବା । (ଚିତ୍ରକୁ ବିନ୍ଦୁ ଯୋଡ଼ି ସଂପୂର୍ଣ୍ଣ କର ଓ ରଙ୍ଗ ଦିଅ)





https://withteachers.in/

୬. ଯେଉଁ ଶବ୍ଦରେ 'ହ' ଅକ୍ଷର ଅଛି ଗାରଟାଣି ଯୋଡ଼ିବା।

ହରିଣ

ହଳ

ହ


ଇଟା

ହରଡ଼


୭. ଯେଉଁ ଶବ୍ଦରେ 'ଘ' ଅକ୍ଷର ଅଛି ସେଥିରେ ରଙ୍ଗ ଦେବା।

ଘଡ଼ି ବାଘ ଘାସ ହାତୀ ଘର

୮. ଆସ ଦେଖିଦେଖି ଲେଖିବା।





ହ




ଘ

୯. ଆସ ପଢ଼ିବା।

| | | | | | | | |
|---|---|---|---|---|---|---|---|
| ଘର | ଘାସ | ଘଡ଼ି | ବାଘ | ମେଘ | ଘିମିରି | ଘଟଣା | ଘଡ଼ଘଡ଼ି |
| ହଳ | ହାତ | ମହୁ | ଦହି | ବହି | ହରିଣ | ଗହମ | ବାଘମାମୁ |






https://withteachers.in/

୧୦. ଦିଆଯାଇଥିବା ଶବ୍ଦରେ 'ଓ' ଅକ୍ଷର ଉପରେ ଗୋଲ ବୁଲାଇବା ।

| | | | | | |
|---|---|---|---|---|---|
| ଓଟ | ଓଡ଼ିଶା | ଓଉ | ସେଓ | ଅଳତା | ଓଦା |

୧୧. ଆସ ଦେଖିଦେଖି ଲେଖିବା ।




ଓ


୧୨. ଆସ ପଢ଼ିବା ।

| | | | | | | |
|---|---|---|---|---|---|---|
| ଓଟ | ଓଠ | ଓଉ | ଓଧ | ଓଦା | ଓଡ଼ିଶା | ଓଢ଼ଣି |

୧୩. ପଢ଼ିବା ଓ ଲେଖିବା ।

| ଅକ୍ଷର | 'ଏ' କାର (େ) | ଅକ୍ଷର | 'ଏ' କାର | 'ଇ' କାର | 'ଉ' କାର | 'ଆ' କାର |
|---|---|---|---|---|---|---|
| ହ | ହେ | ଖ | | | | |
| ଘ | ଘେ | ଗ | | | | |
| ଶ | ଶେ | ଛ | | | | |
| ଜ | ଜେ | ବ | | | | |
| ତ | ତେ | ଚ | | | | |







https://withteachers.in/

## ୧୪. ଆସ ଚିତ୍ର ଦେଖି ଲେଖିବା ।




______________



______________



______________



______________



______________



______________



______________



______________



https://withteachers.in/

## ୧୫. ଚିତ୍ରକୁ ଦେଖି ନିଜ ସାଙ୍ଗ ସହ କଥାହେବା ଓ ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକ ପଢ଼ିବା ଓ ଚିତ୍ରରୁ ଚିହ୍ନିବା ।



| | |
|---|---|
| ଖୁଡ଼ି | ଗିଲାସ |
| ରୁଟି | କୁଲା |
| ଡାଲି | ବାସନ |
| ଗିନା | ଝରକା |

## ୧୬. ଆସ ପଢ଼ିବା ।


ହାତୀ ଓ ହରିଣ ଗଛତଳେ ବସିଲେ ।
ଓଟ ସେଠାକୁ ଆସିଲା ।
ସେମାନେ ସବୁ ମିଳିମିଶି ଖେଳିଲେ ।
ମନ ଖୁସିରେ ପିଜୁଳି ଖାଇ ନାଚିଲେ ।





https://withteachers.in/

୧୭. ତଳ ଚିତ୍ର ବିଷୟରେ ସାଙ୍ଗ ସହ ଆଲୋଚନା କରିବା ଓ ଚିତ୍ରରେ ଥିବା କୌଣସି ତିନୋଟି ଜିନିଷର ନାମ ଲେଖିବା ।





https://withteachers.in/

ଆସ କାହାଣୀ ଶୁଣିବା

# ବେଙ୍ଗ ଛୁଆର ରଥ ଯାତରା ଦେଖା

ଗୋଟିଏ ପୋଖରୀ ଥିଲା । ସେଥିରେ ଗୋଟିଏ ବେଙ୍ଗୁଲୀ ତା' ଛୁଆ ପୁନି ସହିତ ରହୁଥିଲା । ଦିନେ ପୁନି ଦେଖିଲା, ସଜବାଜ ହୋଇ ଲୋକେ ଯାତରା ଦେଖି ଯାଉଛନ୍ତି ।



ପୁନି ପଚାରିଲା - ମାଆ , ଲୋକମାନେ କୁଆଡ଼େ ଯାଉଛନ୍ତି ? ମାଆ କହିଲା - ଆଜି ପରା ରଥଯାତରା । ସେଥିପାଇଁ ସେମାନେ ବୁଲିବାକୁ ଯାଉଛନ୍ତି । ପୁନି ପୁଣି କହିଲା, ମାଆ ! ଚାଲ ଆମେ ଯାତରା ଦେଖିଯିବା । ମାଆ କହିଲା - ଆଲୋ ପୁନି ! ମୋ ପିଠିରେ ବସ । ଆମେ ଯାତରା ଦେଖିଯିବା ।





https://withteachers.in/

ଦୂରରୁ ଘୋଘୋ ଶବଦ ଶୁଭୁଥିଲା । ପୁନି ଶବ୍ଦଶୁଣି ଡରିଗଲା ।ମାଆ କହିଲା, - ନା...ନା ଜମା ଡର ନା । ମୁଁ ଅଛି ପରା । ପୁନି ରଥ ଯାତରାରେ ତିନୋଟି ରଥ ଦେଖିଲା । ଲୋକମାନେ ଭଜନ ଗାଉଥିଲେ । ହରିବୋଲ ହୁଳହୁଳି ପକାଉଥିଲେ, ସବୁଲୋକ ଜୟଜୟ କରୁଥିଲେ ।



ମାଆ ବେଙ୍ଗ ତିନି ରଥକୁ ଜୁହାର ହେଲା । ମାଆକୁ ଦେଖି ପୁନି ମଧ ଜୁହାର ହେଲା । ମାଆ ପିଠିରେ ବସି ଦୋକାନବଜାର ବୁଲିଲା । ଖେଳଣା, ବେଲୁନ୍, ପେଁକାଳି, ତୂରୀ, ମହୁରି, ଝୁମୁକା ଆଦି କିଣିଲା । ରସଗୋଲା, ଖଜା ଓ ମାଲପୁଆ ଖାଇଲା । ଶେଷରେ ସେ ମାଆ ପିଠିରେ ବସି ବେଲୁନ୍ ଉଡ଼େଇ ଉଡ଼େଇ ଘରକୁ ଫେରିଲା ।





https://withteachers.in/

## ୧. ଆସ କଥା ହେବା ।

କ. ବେଙ୍ଗଛୁଆର ନାମ କ'ଣ ଥିଲା ?

ଖ. ପୁନି କେଉଁଠି ରହୁଥିଲା ?

ଗ. ସେ କ'ଣ ଦେଖିବାପାଇଁ ମାଆକୁ କହିଲା ?

ଘ. ସେ ରଥଯାତରାରେ କ'ଣ ସବୁ ଦେଖିଲା ?

ଙ. ସେଠାରୁ ସେ କେଉଁ ସବୁ ଜିନିଷ କିଣିଲା ?


ଚ. ତୁମେ ଆଉ କେଉଁ ସବୁ ଯାତରା ଦେଖିଛ କୁହ ?

## ୨. ଚିତ୍ର ଦେଖି ଗୋଟିଏ ବାକ୍ୟ ଲେଖ ।



______________________________

## ୩. ତଳେ ଦିଆଯାଇଥିବା ରଥରେ ରଙ୍ଗ ଦେବା ଓ ରଥ ଯାତରା ବିଷୟରେ କିଛି ଶବ୍ଦ ଲେଖିବା ।





https://withteachers.in/

୪.

'ଭ' ଅକ୍ଷର ଚିହ୍ନ
ଓ ଗୋଲ ବୁଲାଅ

ଭାଇ

ଭଜନ ଭକତ

ଭାତ

'ଯ' ଅକ୍ଷର ଚିହ୍ନ
ଓ ଗୋଲ ବୁଲାଅ

ଯଅ

ଯୁବକ ଯାତରା

ଯଶ


'ୟ' ଅକ୍ଷର ଚିହ୍ନ
ଓ ଗୋଲ ବୁଲାଅ

ଗୟଳ


ଜୟ ଭୟ


ନୟନ

୫. ଆସ ଦେଖି ଦେଖି ଲେଖିବା ।





ଭ





ଯ



ୟ

୬. ଅକ୍ଷର ଯୋଡ଼ି ଶବ୍ଦ ଗଢ଼ିବା, ଲେଖିବା ଓ ପଢ଼ିବା ।

ଭା ଇ →

ଯା ତ →

ଗ ୟ ଳ →

ଜ ୟ →

୭. ଆସ ପଢ଼ିବା ।

| | | | | |
|---|---|---|---|---|
| ଭଲ | ଭଜା | ଭକତ | ଭାଷଣ | ଭଣଜା |
| ଯଥ | ଯାଦୁ | ଯୁଗଳ | ଯୁବକ | ଯତନ |
| ଆୟ | ଜୟ | ଶୟନ | ଗାୟକ | ଗାୟକ |



## ୮. କୋଠରିରୁ ଅକ୍ଷର ଆଣି ତଳେ ଦିଆଯାଇଥିବା ଶୂନ୍ୟସ୍ଥାନରେ ଲେଖିବା ।

ଭା ______ ଯ ______ ଜ ______ ଜ ______

| | |
|---|---|
| ଟ | ଅ |
| ୟ | ତ |

## ୯. 'ଓ' କାର ମାତ୍ରା ଲାଗିଥିବା ଅକ୍ଷରଗୁଡ଼ିକ ପଢ଼ିବା ଓ ଲେଖିବା ।

| ଅକ୍ଷର | ଓ କାର | ଅକ୍ଷର | ଓ କାର | ଅକ୍ଷର | ଓ କାର |
|---|---|---|---|---|---|
| ଯ | ଯୋ | ଚ | | ଛ | |
| ମ | ମୋ | ଧ | | କ | |
| ପ | ପୋ | ଦ | | ଖ | |
| ଘ | ଘୋ | ଶ | | ଗ | |
| ଭ | ଭୋ | ବ | | ର | |

## ୧୦. ଶବ୍ଦଗୁଡ଼ିକ ପଢ଼ିବା ।

| | | | | | |
|---|---|---|---|---|---|
| ଜୋକ | ଘୋଡ଼ା | ଭୋଗ | କୋଠା | ପୋଟଳ | ପୋଖରୀ |
| ପୋକ | ଯୋଗ | ଖୋଳ | ପୋଲ | ଗୋଲାପ | ରସଗୋଲା |

## ୧୧. ଆସ ପଢ଼ିବା ।

ଭାଇ ଯାତରା ଦେଖିବାକୁ ପୁରୀ ଗଲେ ।
ସେ ଦୋକାନରୁ ରସଗୋଲା କିଣିଲେ ।
ରସଗୋଲା ଦେଖି ମୋ ମନ ଖାଇବାକୁ ଅଥୟ ହେଲା ।
ଭାଇ ମୋତେ ରସଗୋଲା ଦେଲେ ।
ମୁଁ ଖୁସିରେ ରସଗୋଲା ଖାଇଲି । ବାଃ କି ମିଠା !





https://withteachers.in/

ପାଠ - ୧୭



**ଆସ ଗାଇବା**

# ହୋଲି

ହୋଲି ଆସିଲାରେ ହୋଲି ଆସିଲା,
ଫଗୁ ପିଚକାରି ଧରି ଆସିଲା ।
ନାନାରଙ୍ଗ ନେଇ ହୋଲି ଖେଳିବା,
ଥିରିଥିରି ଯାଇ ରଙ୍ଗ ବୋଳିବା ।





ନାଲିଆ, ନେଳିଆ, ହଳଦୀ ରଙ୍ଗ,
କିଏ ସେ ଖେଳିବ ଆସରେ ସାଙ୍ଗ ।
ପର ଆପଣାର ଭାବକୁ ଭୁଲି,
ଏକାଠି ଖେଳିବା ସଭିଏଁ ହୋଲି ।



ଫଗୁଣ ମାସରେ ଫଗୁ ପରବ,
ଜେଜେ, ଜେଜୀ ଆସ ରଙ୍ଗ ଖେଳିବ ।
ଦୋଳ ବିମାନରେ ଠାକୁର ଦେଖି,
ଜୁହାର କରିବା ହାତକୁ ଟେକି ।





https://withteachers.in/

## ୧ . ଆସ କଥା ହେବା ।

କ. ତୁମେ ହୋଲି ପରବରେ କ’ଣ ସବୁ କର ?

ଖ. କେଉଁ ମାସରେ ଫଗୁ ପରବ ପାଳନ କରାଯାଏ ?

ଗ. ହୋଲି ପୂର୍ବଦିନ କେଉଁ ପରବ ପାଳନ କରାଯାଏ ?

ଘ. ତୁମେ ସାଙ୍ଗମାନଙ୍କ ସହିତ ହୋଲି କିପରି ଖେଳ ?

ଙ. ଆମକୁ ରଙ୍ଗ ଖେଳିବା ସମୟରେ କେଉଁ ସବୁ କଥା ମାନିବା ଦରକାର ?

## ୨ . ଭାବିବା ଓ ଲେଖିବା ।

ତୁମ ଘରେ କେଉଁସବୁ ପରବ ପାଳନ କରାଯାଏ ତଳକୋଠରିରେ ଲେଖ ।

## ୩. ଶବ୍ଦ ଖେଳ ।

ଥାଳିରେ ରଖାଯାଇଥିବା ରଙ୍ଗଗୁଡ଼ିକୁ ଚିହ୍ନି ସେଗୁଡ଼ିକର ନାମ ଲେଖିବା ।








https://withteachers.in/

## ୪. ସାଙ୍ଗସାଥୀମାନଙ୍କ ସହିତ ଆଲୋଚନା କରି କହିବା ।

କ. ହୋଲି ବ୍ୟତୀତ ଆଉ କେଉଁସବୁ ପରବ ତୁମ ଅଞ୍ଚଳରେ ପାଳନ କରାଯାଏ ?

ଖ. ତୁମକୁ କେଉଁ ପରବ ସବୁଠାରୁ ଭଲ ଲାଗେ ଓ କାହିଁକି ?

## ୫. ଯେଉଁ ଶବ୍ଦରେ 'ଥ' ଅକ୍ଷର ଅଛି ତାକୁ ବଗ ଥଣ୍ଟରେ ଲଗାଇବା ଏବଂ ଯେଉଁ ଶବ୍ଦରେ 'ଫ' ଅକ୍ଷର ଅଛି ତାକୁ ନେଇ କାଉ ଥଣ୍ଟରେ ଲଗାଇବା ।




ମଥା ଫଗୁ ଥାଳିଆ

ଥଳି ରଥ ଫଳ

କଫ




## ୬. ଆସ ଦେଖିଦେଖି ଲେଖିବା ।



ଥ ଥ ଥ ଥ ଥ

---------- ---------- ---------- ----------



ଫ ଫ ଫ ଫ ଫ

---------- ---------- ---------- ----------





https://withteachers.in/

୭. ଆସ ପଢ଼ିବା ।

| | | | | | | | |
|---|---|---|---|---|---|---|---|
| ଥଳି | ଥାଳି | ମଥା | କଥା | ବଥ | କୋଳଥ | ଥୋମଣି | ପଥର |
| ଫଗୁ | ଫଣା | କଫ | ଫିତା | ଫୁଲ | ଫସଲ | ଫୁଟଣ | ଫୁଲକୋବି |

୮. ଶବ୍ଦକୁ ସଂପୂର୍ଣ୍ଣ କରି ଲେଖିବା ।

ଫରୁ _____      _____ ଲ _____ ବି

ପ _____ ର      _____ ଥ

୯. ତଳ ଚିତ୍ରକୁ ଦେଖି ଗୋଟିଏ ବାକ୍ୟ ଲେଖିବା ।





https://withteachers.in/

## ୧୦. ଆସ ପଢ଼ିବା ।

ଥରେ ଆଈ ଘରକୁ ବୁଲି ଯାଇଥିଲି ।
ଅଜା ଫଳ ଆଣିଲେ ।
ଆଈ କହିଲେ – ଫଳ ଖାଇଲେ ବଳ ବଢ଼େ ।
ଏ କଥା ଶୁଣି ଭାଇ ସବୁ ଫଳ ଖାଇଦେଲା ।



## ୧୧. ଆସ ‘ଈ’ କାର ମାତ୍ରା ଯୋଡ଼ା ହୋଇଥିବା ଅକ୍ଷରକୁ ପଢ଼ିବା ।

| ଅକ୍ଷର | ଥ | ହ | ଗ | ବ | ଦ |
|---|---|---|---|---|---|
| (ୀ) କାର ମାତ୍ରା | ଥୀ | ହୀ | ଗୀ | ବୀ | ଦୀ |

## ୧୨. ଆସ ମାତ୍ରା ଯୋଡ଼ି ଲେଖିବା ଓ ପଢ଼ିବା ।

| ଅକ୍ଷର | ‘ା’ କାର | ‘େ’ କାର | ି କାର |
|---|---|---|---|
| ଚ | ଚା | ଚେ | ଚି |
| ଲ | | | |
| ଉ | | | |
| ଶ | | | |
| ଧ | | | |

| ଅକ୍ଷର | ା କାର | ‘େ’ କାର | ି କାର |
|---|---|---|---|
| ହ | | | |
| ଖ | | | |
| ଟ | | | |
| ଗ | | | |
| ଜ | | | |

## ୧୩. ଆସ ପଢ଼ିବା ଓ ଲେଖିବା ।

| | | | | | |
|---|---|---|---|---|---|
| ଗୀତ | ନଦୀ | ବୀଣା | ରାଣୀ | ଶରୀର | ଭଉଣୀ |
| କଦଳୀ | ତରଣୀ | କାହାଳୀ | ହଳଦୀ | ଦୀପାବଳୀ | ମହମବତୀ |




https://withteachers.in/

## ୧୪. ସାରଣୀରୁ ଅକ୍ଷର ନେଇ ଶବ୍ଦ ଗଢ଼ିବା ଓ ଲେଖିବା ।

| | | | |
|---|---|---|---|
| ଫ | ଳ | ଦୀ | ପ |
| ହା | ଥ | ପୀ | ର |
| ତୀ | ଳି | ଢ଼ା | ଥ |

## ୧୫. ଆସ ପଢ଼ିବା ।

ଦିନେ ବୀଣା ବଜାରକୁ ଗଲା ।
ଦୋକାନରୁ ପାଚିଲା କଦଳୀ କିଣିଲା ।
ଗରମ ବରା ବି ଆଣିଲା ।
ବରା ଆଣି ଫେରିଲାବେଳକୁ
ପାଚିଲା କଦଳୀ ସବୁକୁ ଗାଇ ଖାଇଦେଲା ।
ବୀଣା ମନ ଖରାପ ହେଲା ।
ସେ ଖାଲି ବରା ଧରି ଘରକୁ ଫେରିଲା ।





https://withteachers.in/

## ଆସ କାହାଣୀ ଶୁଣିବା

# ମେଢ଼ ଦେଖା

ଶରତ ଋତୁ। ଦଶହରା ମେଢ଼ ଦେଖିବା ପାଇଁ ରାକ୍ଷୀ ମାମୁ ଘରକୁ ଗଲା। ମାମୁ ରାକ୍ଷୀକୁ ନେଇ ମେଢ଼ ଦେଖିଗଲେ। ସେଠାରେ ଠାକୁରାଣୀଙ୍କ ପୂଜା ହେଉଥିଲା। ଚାରିଆଡ଼ ଆଲୁଅରେ ଝଲମଲ କରୁଥିଲା। ନାନା ରକମର ଦୋଳି, ଭଳିକିଭଳି ଦୋକାନ ଦେଖି, ରାକ୍ଷୀ ମନ ସେ ସବୁରେ ଲାଖିଗଲା।



ରାକ୍ଷୀ କହିଲା, - ମାମୁ, ଦେଖ ସେପଟେ ମୀନାବଜାର ପଡ଼ିଛି। ଚାଲ ସେଠାକୁ ଯିବା। ମାମୁ କହିଲେ, - ହଉ ଚାଲ, ସେଠାରେ ଦୋଳି ଖେଳିବା। ରାକ୍ଷୀ ମାମୁଙ୍କ ସାଥିରେ ମୀନାବଜାର ଗଲା। ସେଠାରେ ଦୋଳି ଖେଳିଲା। ବେଲୁନ କିଣି ଘରକୁ ଫେରିଲା। ବାଟରେ ରାକ୍ଷୀର ବେଲୁନ ଫାଟିଲା - ଠୋ...ଓ...ଓ...। ରାକ୍ଷୀର ମୁହଁଟି ଟିକିଏ ଶୁଖିଗଲା। ଭାଣିଜୀର ମନ ଊଣା ଦେଖି ମାମୁ ଆଉ ଗୋଟିଏ ବେଲୁନ କିଣି ଦେଲେ। ରାକ୍ଷୀ ଖୁସି ମନରେ ନାଚିନାଚି ଘରକୁ ଫେରିଲା।





https://withteachers.in/

## ୧. ଆସ କଥା ହେବା ।

କ. ରାକ୍ଷୀ କେଉଁ ପୂଜା ଦେଖିବାକୁ ବାହାରିଲା ?

ଖ. ରାକ୍ଷୀ କାହା ସହିତ ମେଢ଼ ଦେଖିବାକୁ ଯାଇଥିଲା ।

ଗ. ସେ ମାମୁଙ୍କୁ କ'ଣ ପଚାରିଲା ?

ଘ. ରାକ୍ଷୀର ମୁହଁ କାହିଁକି ଶୁଖିଗଲା ?

ଙ. ଦଶହରା ଦିନ ତୁମେ ସବୁ ଘରେ କ'ଣ କର ?

## ୨. ସାଙ୍ଗ ସହ କଥା ହୋଇ ତଳେ ଥିବା ପର୍ବଗୁଡ଼ିକରୁ ତୁମ ଅଞ୍ଚଳରେ କେଉଁ ପର୍ବ ପାଳନ କରାଯାଏ ତଳ ବନ୍ଧନୀ ମଧ୍ୟରେ (ଠିକ୍) ✓ ଚିହ୍ନ ଦେଇ ଲେଖ ।



(          )



(          )



(          )

## ୩. ଆସ ଭାବି ଲେଖିବା ।

✸ ଦଶହରା କେଉଁ ଋତୁରେ ପାଳନ କରାଯାଏ ?

______________________________

✸ ରାକ୍ଷୀ ମୀନାବଜାରରୁ କ'ଣ କିଣିଲା ?

______________________________



https://withteachers.in/

## ୪. ଶବ୍ଦ ଖେଳ ।

(ତଳେ ଥିବା ଶବ୍ଦର ଶେଷ ଅକ୍ଷରକୁ ନେଇ ଶବ୍ଦ ଗଢ଼ିବା) ।

ଯେପରି :

| | | | | |
|---|---|---|---|---|
| ଗିନା | ନାକ | କର | ରଜ | ଜଟ |
| ପୂଜା | ________ | ________ | ________ | ________ |
| କ୍ଷୀର | ________ | ________ | ________ | ________ |

## ୫. ସାଙ୍ଗମାନଙ୍କ ସହିତ ଆଲୋଚନା କରିବା ।

ପରବରେ ତୁମ ଘରକୁ କୁଣିଆଁ ଆସିଲେ, ତୁମେ କ'ଣ ସବୁ କରିବ ?

## ୬. ଚିତ୍ର ଦେଖି ୨ ଟି ବାକ୍ୟ ଲେଖ ।



________________________________________

________________________________________

________________________________________






https://withteachers.in/

୭. 'ଊ' ଅକ୍ଷର ଥିବା ଶବ୍ଦକୁ ମଝିରେ ଥିବା 'ଊ' ଅକ୍ଷର ସହ ଗାର ଟାଣି ଯୋଡ଼ିବା ।

| | | |
|---|---|---|
| ଊର୍ମି | | ଊନ |
| ଊଣା | ଊ | ଊଷ |
| ଊକୁଣି | | ଊମା |

୮. ଆସ ଲେଖିବା ।




ଊ ଊ ଊ ଊ ଊ

୯. 'ଋ' ଅକ୍ଷର ଥିବା ଶବ୍ଦକୁ ମଝିରେ ଥିବା 'ଋ' ଅକ୍ଷର ସହ ଗାର ଟାଣି ଯୋଡ଼ିବା ।

| | | |
|---|---|---|
| ଋତୁ | ଋ | ଋଷି |
| ଋସ | | ଋଣ |

୧୦. ଆସ ଲେଖିବା ।



ଋ ଋ ଋ ଋ ଋ




https://withteachers.in/

୧୧. 'କ୍ଷ' ଅକ୍ଷର ଥିବା ଶବ୍ଦକୁ ମଝିରେ ଥିବା 'କ୍ଷ' ଅକ୍ଷର ସହ ଗାରଟାଣି ଯୋଡ଼ିବା ।

| | | |
|---|---|---|
| କ୍ଷୀର | | କ୍ଷତ |
| | କ୍ଷ | |
| କ୍ଷଣିକ | | କ୍ଷୟ |

୧୨. ଆସ ଦେଖି ଦେଖି ଲେଖିବା ।




କ୍ଷ

୧୩. ତଳେ ଦିଆଯାଇଥିବା ଶବ୍ଦରେ ( ୂ ) ଊକାର ଯୋଡ଼ି ଲେଖିବା ।

| | | |
|---|---|---|
| କଳ | → | କୂଳ |
| ଚଳ | → | |
| ମଳା | → | |
| ଧପ | → | |
| କଅ | → | |
| ପଜା | → | |





https://withteachers.in/

## ୧୪. ଆସ ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ପଢ଼ିବା ।

| | | | | | |
|---|---|---|---|---|---|
| ଋତୁ | ଋଣ | ଋଷି | ଊଣା | ଊନ | କ୍ଷୀର |
| କ୍ଷମା | କ୍ଷେତ | ତୂରୀ | ମୂଳା | ସୂତା | ପୂଜା |

## ୧୫. ଆସ ପଢ଼ିବା ।

ବାପା ବଜାରରୁ ଓଉ ଆଣିଲେ ।
ମାଆ ଡ଼ାଲମା, ମୂଳାଭଜା, କ୍ଷୀରି ଓ ଓଉଖଟା ତିଆରି କଲେ ।
ଓଉଖଟାରେ ଗୁଡ଼ ଊଣା ହୋଇଗଲା ।
ମାଆ ସେଥିରେ ଆଉ ଟିକିଏ ଗୁଡ଼ ପକାଇଦେଲେ ।
ଓଉଖଟା ଖାଇ ସଭିଏଁ ଟାକରା ମାରିଲେ ।





https://withteachers.in/

**୧୬. ତଳ ସାରଣୀରୁ ଅକ୍ଷର ନେଇ ଶବ୍ଦ ଗଢ଼ିବା ଓ ଲେଖିବା ।**

| | | | |
|---|---|---|---|
| ଋ | ପ | ମୃ | ଣା |
| ଧୂ | ତୁ | ଓ | ଳା |
| କ୍ଷୀ | ମା | ପୂ | ଟ |
| କ୍ଷ | ର | ପେ | ଜା |

________________ ________________

________________ ________________

________________ ________________

________________ ________________

**୧୭. ତୁମକୁ ଭଲଲାଗୁଥିବା କୌଣସି ପର୍ବ ବିଷୟରେ ଦୁଇଟି ଧାଡ଼ି ଲେଖ ।**

.................................................................................................

.................................................................................................




https://withteachers.in/

ପାଠ - ୧୯


## ଆସ ଚିତ୍ରଦେଖି କଥା ହେବା

ପ୍ରସଙ୍ଗ : ଆମ ସବୁଜିମା





https://withteachers.in/





https://withteachers.in/

## ୧. ଆସ କଥା ହେବା ।

କ. ଗଛରେ କେଉଁ ସବୁ ପକ୍ଷୀ ବସିଛନ୍ତି ?

ଖ. ଜମିରେ କ'ଣ ସବୁ ଫସଲ ହୋଇଛି ?

ଗ. ଛବିରେ ମଣିଷ ଭଳି ଦିଶୁଥିବା ଜିନିଷଟିକୁ କ'ଣ କୁହାଯାଏ ?

ଘ. ଟ୍ରାକ୍ଟରରେ କ'ଣ ବୁହାହେଉଛି ?

ଙ. ଆକାଶରେ କେତେବେଳେ ଇନ୍ଦ୍ରଧନୁ ଦେଖାଯାଏ ?

ଚ. ତୁମ ଗାଁରେ କେଉଁ ସବୁ ଫସଲ ଓ ପନିପରିବା କରାଯାଏ ?

## ୨. ଆସ ଭାବି ଲେଖିବା ।

କ. ତୁମ ଆଖପାଖରେ କେଉଁ ସବୁ ଫସଲ ହୁଏ ? ସେଗୁଡ଼ିକର ନାମ ଲେଖିବା ।

________________________________________

________________________________________

ଖ. ପାଣି ଆମର କେଉଁସବୁ କାମରେ ଲାଗେ, ଆସ ଲେଖିବା ।

________________________________________

________________________________________



https://withteachers.in/

**୩. ଆସ ଯୋଡ଼ିବା ।** (ତଳ ଚିତ୍ର ସହ ମେଳଖାଉଥିବା ଶବ୍ଦକୁ ଗାରଟାଣି ଯୋଡ଼ିବା) ।



ନାଳ



ପାହାଡ଼



ସୂର୍ଯ୍ୟ



ଧାନ ଜମି



ଘାସ


**୪ . ଶବ୍ଦ ଖେଳ ।** (ଚିତ୍ର ଦେଖି ଖାଲିଜାଗା ପୂରଣ କରିବା ।)



ଗଛ ଉପରେ ____________ ବସିଛି ।



କୁକୁର ___________ ଖାଉଛି ।



ଗଛମୂଳରେ _______ ଶୋଇଛି ।



https://withteachers.in/

## ୫. ଖୋଜିବା ଓ ଜାଣିବା ।

ତୁମ ଆଖପାଖରେ ଥିବା କିଛି ଗଛର ପତ୍ର ଆଣି ତଳ ଘରେ ଅଠାରେ ଲଗାଅ ଏବଂ କେଉଁ ଗଛରପତ୍ର ତା'ର ନାମ ଲେଖ ।

| ପତ୍ର | ଗଛର ନାମ |
|---|---|
| | |
| | |
| | |



https://withteachers.in/

## ୬. ଆସ ଶବ୍ଦଗୁଡ଼ିକ ପଢ଼ିବା ।

| | | | | | | |
|---|---|---|---|---|---|---|
| ଗାଈ | ବିରାଡ଼ି | କଦଳୀ | ପେଚା | କୋଦାଳ | ଗୁଆ | ପୋଟଳ |
| ଧୂପ | ଘୋଡ଼ା | ଫୁଲବଗିଚା | ଜୋତା | ଗରୁଡ଼ | ଚେରମୂଳ | ରୋଷେଇଘର |

## ୭. ଭାବି ଲେଖିବା ।

ବାଡ଼ି ବଗିଚାରେ ଚାଷ କରାଯାଉଥିବା କିଛି ପନିପରିବାର ନାମ ଲେଖିବା ।

_______________________________________________

_______________________________________________

## ୮. ଆସ ପଢ଼ିବା ।

ଏଇଟି ଆମର କମଳା ଗଛ ।
ଗଛରେ ପାଚିଲା କମଳା ଫଳିଛି ।
ମାଆ ଗଛରୁ କମଳା ତୋଳିଲେ ।
ବାପା କମଳାରୁ ସରବତ ତିଆରି କଲେ ।
କମଳା ସରବତ ଭାରି ମିଠା ।





https://withteachers.in/

## ୯ . ଚିତ୍ର ଆଧାରରେ ଶବ୍ଦ ଲେଖି ବାକ୍ୟ ପୂରଣ କରିବା ।



କ୍ଷେତରେ ______________ ଲାଗିଛି ।



ଗଛରେ ______________ ବସିଛି ।



ପିଲାଟି ________________ ପଢୁଛି ।



ଝିଅଟି ________________ ଖେଳୁଛି ।



https://withteachers.in/

## ୧୦. ଚିତ୍ର ଦେଖି ଦୁଇଟି ବାକ୍ୟ ଲେଖିବା ।



---

---


## ୧୧. ଆସ ପଢ଼ିବା ।

ଲୋକଟିଏ ବଣପାଖ ସଡ଼କ ଦେଇ ଯାଉଥିଲା ।
ସେ ଗୋଟିଏ ହରିଣ ଦେଖିଲା ।
ହରିଣଟି ଚାଲି ପାରୁନଥିଲା ।
ସେ ହରିଣକୁ ପାଣି ଆଣିଦେଲା ।
ଖାଇବାକୁ ଡାଳପତର ଦେଲା ।
ତା’ ଗୋଡ଼କୁ ଘଷି ଦେଲା ।
ହରିଣଟି ଭଲହୋଇ ବଣକୁ ଚାଲିଗଲା ।



https://withteachers.in/

## ୧୨. ଚିତ୍ର ଦେଖି କାହାଣୀ ଗଢ଼ିବା ଏବଂ କହିବା ।





https://withteachers.in/

ଆସ କାହାଣୀ ଶୁଣିବା

# ହାତୀ ଓ କୁନିକାଉ

ନଈକୂଳରେ କେତୋଟି ଚାରାଗଛ ଲାଗିଥିଲା । ଧୂ...ଧୂ... ଖରାବେଳ । ସେଥିପାଇଁ ସେମାନେ ଝାଉଁଳି ପଡ଼ିଥିଲେ । ଟୋପାଏ ପାଣି ପାଇଁ ଚାହିଁରହିଥିଲେ ।

କୁନି କାଉଟିଏ ସେମାନଙ୍କୁ ଦେଖିଲା । ତା' ମନ ଦୁଃଖ ହେଲା । ତେଣୁ ସେ ଉଡ଼ିଉଡ଼ି ଯାଇ ତା' କୁନି ଥଣ୍ଟରେ ନଈରୁ ପାଣି ଆଣିଲା । ଥରକୁ ଥର ଗଛମୂଳରେ ପାଣିଦେଲା ।






https://withteachers.in/


ଦୂରରୁ ହାତୀଟିଏ ଦେଖି ଫେଁ କରି ହସିଦେଲା । କହିଲା, - ଆଲୋ ହେ, କୁନି କାଉ ! ଏମିତି ପାଣିଦେଲେ କି ଲାଭ ମିଳିବ ?

କୁନିକାଉ କହିଲା - ହାତୀ ଜେଜେ, ଆମ ସଭିଙ୍କର ଲାଭ ହେବ । ଏହି ଗଛମାନେ ପରା ଆମର ସାଙ୍ଗସାଥୀ । ନହେଲେ ଆମେ ବସା ତିଆରି କରିବୁ କେଉଁଠି ? ତୁମେ ଖାଇବ କ'ଣ ?

କୁନିକାଉଟିର କଥା ହାତୀ ମନକୁ ବେଶ୍ ପାଇଲା । ସେ ଧଇଁସଇଁ ହୋଇ ନଈକୁ ଧାଇଁଲା । ଶୁଣ୍ଢରେ ପାଣି ଆଣିଲା । ଉଭୟେ ମିଶି ଚାରାଗଛ ମୂଳରେ ପାଣି ଢ଼ାଳିଲେ ।



ତେଣୁ ଗଛଗୁଡ଼ିକ ଦିନକୁ ଦିନ ବଢ଼ିବାକୁ ଲାଗିଲେ । ସେମାନେ ବଡ଼ହୋଇ, ସମସ୍ତଙ୍କୁ ଫୁଲ, ଫଳ, ଛାଇ ଓ ବସା ତିଆରି କରିବାକୁ ଜାଗା ଦେଲେ । ସତରେ ଗଛ ଆମର ବନ୍ଧୁ ।





https://withteachers.in/

## ୧. ଆସ କଥା ହେବା ।

କ. ଚାରାଗଛଗୁଡ଼ିକ କେଉଁଠାରେ ଲାଗିଥିଲା ?

ଖ. ସେମାନେ କ'ଣ ପାଇଁ ଚାହିଁ ରହିଥିଲେ ?

ଗ. କୁନି କାଉର ମନ କାହିଁକି ଦୁଃଖ ହେଲା ?

ଘ. ହାତୀ ଫେଁ କରି ହସିବାର କାରଣ କ'ଣ ?

ଙ. କାହାର କଥାଟି ହାତୀର ମନକୁ ବେଶ୍ ପାଇଲା ?

ଚ. ଚାରାଗଛଗୁଡ଼ିକ ବଡ଼ ହେବାଦ୍ୱାରା ସମସ୍ତଙ୍କର କି ଲାଭ ହେଲା ?

## ୨. ଭାବି ଲେଖିବା । (ପ୍ରଥମ ପ୍ରଶ୍ନଟିର ଉତ୍ତର ଦିଆଯାଇଛି) ।

କ. କେଉଁଠାରେ ଚାରଗଛ ଥିଲା ?


ଉ : ______________________________

ଖ. କୁନି କାଉ ସହିତ ଆଉ କିଏ ପାଣିଦେଲା ?

ଉ : ______________________________

## ୩. ଆସ ସାଙ୍ଗମାନଙ୍କ ସହ କଥାହେବା ।

ଗଛଠାରୁ ଆମେ କେଉଁସବୁ ଜିନିଷ ପାଇଥାଉ । କୋଠରିରୁ ବାଛି ତଳ ଫୁଲ ପାଖୁଡ଼ାରେ ଲେଖିବା ।



| |
|---|
| ଫୁଲ |
| ପତର ଫଳ |
| ବାଲି ଛାଇ ପାଣି |
| କାଠ ଚେରମୂଳ |
| ଛେଲି ମାଟି |



https://withteachers.in/

୪.   ଆସ ଶବ୍ଦଗୁଡ଼ିକ ପଢ଼ିବା ।

| | | | | | |
|---|---|---|---|---|---|
| ହାତ | ପିଠା | କୁଆ | ବୀର | ବେଲ | ପୋକ |
| ଗାତ | ମିଠା | ଛୁଆ | ଧୀର | ତେଲ | ଜୋକ |

୫.   ଚିତ୍ରରେ ପିଲାଟି କ'ଣ କରୁଛି ଠିକ୍ ଉତ୍ତରରେ ଗୋଲ ବୁଲାଇବା ।

କ.ପିଲାଟି ଖାଉଛି

ଖ.ପିଲାଟି ପଢୁଛି

ଗ.ପିଲାଟି ଶୋଇଛି

ଘ.ପିଲାଟି ଖେଳୁଛି



୬.   ସାରଣୀରୁ ଅକ୍ଷର ଯୋଡ଼ି ଶବ୍ଦ ଗଢ଼ିବା ଓ ଲେଖିବା ।


| | | | |
|---|---|---|---|
| ହା | ତୀ | ବ | ଣି |
| ଥା | ଲି | କୂ | ଳ |
| ଗୁ | ଆ | ବେ | ତ |
| ଝୋ | ଟ | କ୍ଷୀ | ରି |

_______________ _______________
_______________ _______________
_______________ _______________
_______________ _______________



https://withteachers.in/

## ୭. ଚିତ୍ର ଦେଖି କିଛି ଶବ୍ଦ ଲେଖିବା ।



## ୮. ଆସ ପଢ଼ିବା ।

ମୁନି ବଗିଚାରେ ବାଇଗଣ ଲଗାଇଲା ।

ସେ ସବୁଦିନ ପାଣି ଦେଇ ଗଛର ଯତନ ନେଲା ।

ବାଇଗଣ ଗଛରେ ବାଇଗଣ ଫଳିଲା ।

ମୁନି ଗଛରୁ ବାଇଗଣ ତୋଳିଲା ।

ମାଆ ବାଇଗଣ ଭଜା କଲେ ।

ମୁନି ଖୁସିରେ ଖାଇଲା ।





https://withteachers.in/

ପାଠ - ୨୧

ପ୍ରସଙ୍ଗ : ଆମ ସବୁଜିମା

ଆସ କାହାଣୀ ଶୁଣିବା

# ଉପହାର

ଆଜି ଐଶ୍ୱର୍ଯ୍ୟାର ଜନମଦିନ । ତା' ମନ ଭାରି ଖୁସି । ପୁଣି କେତକୀ ତା' ଘରକୁ ଆସିବ । ସେ ତା'ର ବଡ଼ ସାଙ୍ଗ । ଜନମଦିନ ପାଇଁ ବୋଉ ତାକୁ ସଜେଇ ଦେଇଛନ୍ତି । କପାଳରେ ଚନ୍ଦନଟିପା, ଗୋଡ଼ରେ ଅଳତା ଏବଂ ଆଖିରେ କଳା ଲଗାଇ ଦେଇଛନ୍ତି ।



ବୋଉ ହଳଦିଆ ଚାଉଳ, ଦୂବ, ବରକୋଳି ପତରରେ ତାକୁ ବନ୍ଦେଇ ଦେଇଛନ୍ତି । ଘରେ ପିଠାପଣା ତିଆରି ହୋଇଛି । ତା' ସାଙ୍ଗ କେତକୀ ଉପହାରଟିଏ ଧରି ତାଙ୍କ ଘରକୁ ଆସିଲା ।ଐଶ୍ୱର୍ଯ୍ୟା ତାକୁ କୁଣ୍ଢାଇ ପକାଇଲା । ସେ କହିଲା, ସାଙ୍ଗ ! ଉପହାର କ'ଣ ଆଣିଛୁ ? କେତକୀ ହସିହସି କହିଲା ସରଗପୁରରୁ ଐରାବତ ହାତୀଟି ଆଣିଛି । ସତେ ! ତୁ ସରଗପୁର ଯାଇଥିଲୁ ? ଉଭୟେ ଫେଁ କରି ହସିଦେଲେ ।





https://withteachers.in/

ବୋଉ କହିଲେ - ଝିଅଲୋ ! ତୋ ବାପା ତୋ ପାଇଁ ଗୋଟିଏ ଗଛ ଉପହାର ଆଣିଛନ୍ତି । କେତକୀ ପଚାରିଲା, ମାଉସୀ ! କି ଗଛ ମ ? ମାଆ କହିଲେ, ଗୋଟିଏ ଔଷଧୀୟ ଗଛ । ଦୁଇ ସାଙ୍ଗ ଗଛ ଲଗାଇବା ପାଇଁ ଗୃହରୁ ବଗିଚାକୁ ଗଲେ । ଶୀତଳ ହାଓ୍ୱା ବୋହୁଥାଏ । ଦୁହେଁ ବଗିଚାର ଗୋଟିଏ କୋଣରେ ଗାତ ଖୋଳିଲେ । ଐଶ୍ୱର୍ଯ୍ୟା ପଚାରିଲା, ସାଙ୍ଗ ! ଏଇଟା କି ଗଛ କହିଲୁ ? ସେ କହିଲା - ବେଲଗଛ । ଦୁହେଁ ଗଛଟିକୁ ପୋତି ପାଣି ଦେଲେ ।





https://withteachers.in/

## ୧. ଆସ କଥା ହେବା ।

କ. ଗପରେ କାହାର ଜନ୍ମଦିନ ଥିଲା ?

ଖ. ଐଶ୍ୱର୍ଯ୍ୟାର ବଡ଼ ସାଙ୍ଗ କିଏ ?


ଗ. ବୋଉ ଐଶ୍ୱର୍ଯ୍ୟାକୁ କିପରି ସଜାଇ ଦେଇଥିଲେ ?

ଘ. ବାପା ତା' ପାଇଁ କେଉଁ ଉପହାର ଆଣିଥିଲେ ?


ଙ. ଦୁଇସାଙ୍ଗ ଫେଁ କରି କାହିଁକି ହସିଲେ ?

ଚ. ସାଙ୍ଗସାଥୀମାନଙ୍କ ସହ ଆଲୋଚନା କରି କିଛି ଔଷଧୀୟ ଗଛର ନାମ କୁହ ।


## ୨. ଆସ ଦେଖିଦେଖି ଅକ୍ଷର ଲେଖିବା ।




ଐ




ଔ




ଓ୍ୱ



https://withteachers.in/

**୩. ତଳ ଅକ୍ଷର ଗୁଡ଼ିକରେ 'ଋ' କାର ମାତ୍ରା ଲଗାଇ ପଢ଼ିବା ଓ ଲେଖିବା ।।**

| ଅକ୍ଷର | ( ୃ କାର) | ଅକ୍ଷର | ( ୃ କାର) | ଅକ୍ଷର | ( ୃ କାର) |
|---|---|---|---|---|---|
| ଶ | ଶୃ | ଭ | | ହ | |
| ଗ | ଗୃ | ଚ | | କ | |
| ମ | ମୃ | ନ | | ଦ | |
| ବ | ବୃ | ଘ | | ପ | |
| ତ | ତୃ | ସ | | ଧ | |

**୪. ଅକ୍ଷର ଯୋଡ଼ି ଶବ୍ଦ ଗଢ଼ିବା, ଲେଖିବା ଓ ପଢ଼ିବା ।**

ମୃ | ଗ → ______     କୃ | ଷ | କ → ______

ଗୃ | ହ → ______     ଔ | ଷ | ଧ → ______

ଐ | ର → ______     ଊ | କେ | ଟ୍ → ______

**୫. ଚିତ୍ରଗୁଡ଼ିକୁ ଦେଖ ଏବଂ ସେମାନଙ୍କର ନାମ ଲେଖ ।**










______ ଗ     ______ ଷକ     ______ ଗାଳ     ______ ଷଭ





https://withteachers.in/

## ୬. ଆସ ପଢ଼ିବା ।

| | | | |
|---|---|---|---|
| ଐରାବତ | ଔଷଧ | ଓ୍ୱିକେଟ | ପୃଥିବୀ |
| ଐର | ତାଓ୍ୱା | କୃଷକ | ଯଓ୍ୱାନ |
| ଐକ | ହାଓ୍ୱା | ବୃକ୍ଷ | ଉପହାର |

ତାଓ୍ୱାରେ ରୁଟି ସେକା ହୁଏ ।

ରୋଗ ହେଲେ ଔଷଧ ଖାଅ ।

ପୃଥିବୀ ଆମର ମାଆ ।

## ୭. ଚିତ୍ର ଯୋଡ଼ି ପଢ଼ିବା ।

ମାଆ  ରେ ଭଜା ଭାଜୁଥିଲେ ।

ଚୁଲିରୁ ଗରମ ହାଓ୍ୱା ଆସୁଥିଲା । 

ହାତ ଫୋଟକା ହେବାରୁ  ଲଗାଇଲେ ।



https://withteachers.in/

## ୮. ଚିତ୍ରକୁ ନେଇ ଦୁଇଟି ଧାଡ଼ି ଲେଖିବା ।



______________________________________

______________________________________

## ୯. ଆସ ପଢ଼ିବା ।



ଦିନେ ଶୃଗାଳଟିଏ ସହରକୁ ଆସିଲା ।
କୁକୁରମାନେ ତାକୁ ଗୋଡ଼ାଇଲେ ।
ସେ ଯାଇ ବୃକ୍ଷ ପଛରେ ଲୁଚିଗଲା ।
ସେ କ୍ଷତବିକ୍ଷତ ହୋଇଯାଇଥିଲା ।
ଜଣେ ଋଷି ବୃକ୍ଷମୂଳକୁ ଆସିଲେ ।
ଶୃଗାଳକୁ କ୍ଷୀର ପିଆଇଲେ ।
ତା' କ୍ଷତରେ ଔଷଧ ଲଗାଇଦେଲେ ।



https://withteachers.in/

## ୧୦. ସାରଣୀରୁ ଅକ୍ଷର ନେଇ ଶବ୍ଦ ଗଢ଼ିବା, ଲେଖିବା ଓ ପଢ଼ିବା ।

| | | | |
|---|---|---|---|
| ତା | ବ | ଓ୍ୱା | ଧ |
| ଔ | ରା | ଦା | ଓ |
| ତ | ହି | ଐ | ଷ |
| ମୃ | ଗ | ହା | ଓ୍ୱା |

__________ __________

__________ __________

__________ __________

__________ __________

## ୧୧. ଶ୍ରୁତଲିଖନ । (ଶିକ୍ଷକ ପୂର୍ବରୁ ପଢ଼ାଯାଇଥିବା ଅକ୍ଷର ଓ ମାତ୍ରାକୁ ନେଇ ଦୁଇଟି ବାକ୍ୟ ଡାକିବେ। ପିଲାମାନେ ଲେଖିବେ) ।

______________________________

______________________________



https://withteachers.in/

## ଆସ ଗାଇବା ।



### ସୁନି ଗଲା ଜିତି

ପବନ ଦେଖାଏ ନିଜର ବଳ
ନିତି ହେଉଥାଏ ଉପରତଳ ।
ଠେଲି ଦେଲା ସେ ସୁନିକି ଯାଇ
ଗଛରେ ଚଢ଼ି ରହିଲା ଚାହିଁ ।
କହିଲା ଏବେ ତୁ ଜାଣିଲୁ ମୋତେ
କେବେ ମୁଁ ଧରା ଦେବିନି ତୋତେ ।
ସୁନି କହିଲା କି ଥାଉରେ ଥାଉ
ଏତେ ଗରବ ଦେଖାନା ଆଉ ।
ଯେଉଁଠି ଥିଲେ ତୁ ଆଣିବି ଧରି
ବେଲୁନ ଭିତରେ ଦେବି ମୁଁ ଭରି ।
ଜୁଲୁଜୁଲୁ କରି ରହିବୁ ଚାହିଁ
କହିବୁ - ସୁନି ! ପାରିଲି ନାହିଁ ।




https://withteachers.in/

## ଆସ ଗାଇବା

# ମୋ ଗାଆଁ


ଦେଖରେ ନଈ ଯାଉଛି ବହି
ତା' କୂଳେ ଆମ ଗାଆଁ
ସେଇ ଗାଆଁର ପିଲାରେ ଆମେ
ରଖିବୁ ତା'ର ନାଆଁ ।





ଖେଳିଖେଳିକା ପୋଖରୀ ଜଳେ
ତୋଳିଛୁ କେତେ କଇଁ
ଖେଳିଛୁ ଦୋଳି ବରଓହଳେ
ହିସାବ ତା'ର ନାଇଁ ।

ବଣ ପାହାଡ଼ ତୋଟାମାଳରେ
ବଜାଏ ବଂଶୀ କିଏ ?
ଆହାକି ମିଠା ତାହାର ସୁର
ଦୁଃଖକୁ ହରି ନିଏ ।





https://withteachers.in/

ସକାଳ ହେଲେ କୁକୁଡ଼ା ଡାକେ
ଡାକେ ତାହାର ଚିଆଁ,
ମିଆଉଁ ବୋଲି କଲେ ବିଲେଇ
ମାରଇ ସିଏ ଡିଆଁ ।





ବୁଦାମୂଳରୁ ବିଲୁଆ ଡାକେ
ସଞ୍ଜ ଆସଇ ଯେବେ
ଆଳତି ହୁଏ ଗାଆଁ ମନ୍ଦିରେ
ଘଣ୍ଟ ବାଜଇ ସେବେ ।

ଆମରି ଗାଆଁ ଆମରି ମାଆ
ସରଗ ଠାରୁ ବଡ଼
ତାହାରି ସେବା କରିବା ଆମେ
ସବୁ କୁସୁମ କଢ଼ ।





https://withteachers.in/

## ୧. ଆସ କଥା ହେବା ।

କ. କବିତାରେ ଗାଆଁଟି କେଉଁଠି ଥିବା କଥା କୁହାଯାଇଛି ?

ଖ. ଗାଆଁ ପୋଖରୀରୁ କ'ଣ ତୋଳିବା କଥା କୁହାଯାଇଛି ?

ଗ. ତୁମେ କେଉଁଠିରେ ଦୋଳି ଖେଳିଛ ?

ଘ. ସକାଳ ହେଲେ ଆମେ କେଉଁମାନଙ୍କର ଶବ୍ଦ ଶୁଣୁ ?

ଙ. ଗାଆଁରେ ସଞ୍ଜବେଳେ କ'ଣ ସବୁ ହୁଏ ?

ଚ. କାହାକୁ ସରଗ ଠାରୁ ବଡ଼ ବୋଲି କୁହାଯାଇଛି ?

## ୨. ଶବ୍ଦ ଖେଳ ।


(ସାଙ୍ଗମାନଙ୍କ ସହ ମିଶି କବିତାଟିକୁ ପଢ଼ିବା । କବିତାରେ ଅନୁସ୍ୱାର (ଂ), ବିସର୍ଗ (ଃ), ଚନ୍ଦ୍ରବିନ୍ଦୁ ( ଁ ) ଲାଗିଥିବା ଶବ୍ଦଗୁଡ଼ିକୁ ଉପଯୁକ୍ତ କୋଠରିରେ ଲେଖିବା) ।

| ଅନୁସ୍ୱାର ( ' ଂ' ) | ବିସର୍ଗ (ଃ) | ଚନ୍ଦ୍ରବିନ୍ଦୁ ( ' ଁ ' ) |
|---|---|---|
| | | |

## ୩. ଦିଆଯାଇଥିବା ଶବ୍ଦର ପ୍ରଥମ ଅକ୍ଷରରେ ' ଂ ' ଅନୁସ୍ୱାର ଲଗାଇ ନୂଆ ଶବ୍ଦ ଲେଖିବା ଓ ପଢ଼ିବା ।

| | | | | |
|---|---|---|---|---|
| କସ | → | କଂସ | ହସ | → |
| ମାସ | → | | ବଶ | → |
| କସା | → | | | |







https://withteachers.in/

**୪. ଆସ ଶବ୍ଦଗୁଡ଼ିକ ପଢ଼ିବା ।**

| ଦୁଃଖ | ଦୁଃଖୀ | ଦୁଃଶାସନ | ଦୁଃସାହସ | ଦୁଃସମୟ |
|---|---|---|---|---|

**୫. ସାଙ୍ଗମାନଙ୍କ ସହ କଥା ହୋଇ ଠିକ୍ ଜାଗାରେ ଚନ୍ଦ୍ରବିନ୍ଦୁ ଲଗାଇ ଖାଲି ଘରେ ଲେଖିବା ଓ ପଢ଼ିବା ।**

| | | | | | |
|---|---|---|---|---|---|
| କଇ → | କଇଁ | ଭଅର → | ______ | ପାଉଶ → | ______ |
| ମାଇ → | ______ | ଯାଆଳା → | ______ | ବାଉଶ → | ______ |
| ଛୁଇ → | ______ | ପେକାଳି → | ______ | ଅଅଳା → | ______ |

**୬. ଠିକ୍ ଅକ୍ଷର ତଳେ ହଳନ୍ତ ଚିହ୍ନ ' ୍ ' ଲଗାଇ ଲେଖିବା ଓ ପଢ଼ିବା ।**

ବିଜୁଳି ମାରୁଛି ଚକମକ
ମେଘ ବରଷୁଛି ଟପଟପ
ବେଙ୍ଗୁଲି ଡେଉଁଛି ଖପଖପ
ଅଜା ଆଈ ଦୁହେଁ ପାଖରେ ବସି
କଥା ହେଉଥିଲେ ଚୁପଚାପ ।

**୭. ଆସ ପଢ଼ିବା ।**

| | | |
|---|---|---|
| ହଂସ | ଦୁଃଖ | ଝାଉଁଳିବା |
| କଂସ | ନମଃ | ପାଉଁଶ |
| ସଂସାର | ଡିଆଁ | ଠିକ୍ |
| ବଂଶୀଧର | ନିଆଁ | ରକେଟ୍ |
| ସିଂହାସନ | ଅଇଁଠା | ପେନସିଲ୍ |



https://withteachers.in/

## ୮. ଆସ ପଢ଼ିବା ।




ସିଂହ ବଣର ରାଜା ।



ଅଜିତ୍ ଦୁଃଖରେ ବସିଛି ।



ଦୁଃଶାସନ ଓ ବଂଶୀଧର ଦୁଇ ପଡ଼ୋଶୀ ।



ପାଣି ନପାଇ ଗଛଟି ଝାଉଁଳି ଯାଇଛି ।



ସେବତୀ ସାଇକେଲ୍ ଧରି ଠିଆ ହୋଇଛି ।

## ୯. ଶ୍ରୁତଲିଖନ । (ଶିକ୍ଷକ ବର୍ତ୍ତମାନ ସୁଦ୍ଧା ଶିଖାଯାଇଥିବା ଅକ୍ଷର ଓ ମାତ୍ରାକୁ ନେଇ ଚାରି/ପାଞ୍ଚ ଶବ୍ଦ ବିଶିଷ୍ଟ ଦୁଇଟି ବାକ୍ୟ ଡାକିବେ)

______________________________

______________________________



https://withteachers.in/

**୧୦. ଦିଆଯାଇଥିବା ଶବ୍ଦଗୁଡ଼ିକୁ ପଢ଼ିବା । ଏହି ଶବ୍ଦଗୁଡ଼ିକୁ ମିଶାଇ ଦୁଇଟି ବାକ୍ୟ ଲେଖିବା ।**

| | | | | | | |
|---|---|---|---|---|---|---|
| ହଠାତ୍ | ବେଲୁନ୍ | ଫାଟିଗଲା | ପିଲାଟି | ମନ | ଦୁଃଖ | କଲା |

______________________________________________

______________________________________________

**୧୧. ନିଜ ଗାଁ ବିଷୟରେ ଦୁଇଟି ବାକ୍ୟ ମନରୁ ଭାବି ଲେଖିବା ।**

______________________________________________

______________________________________________

**୧୨. ବନ୍ଧନୀରୁ ଠିକ୍ ଶବ୍ଦ ନେଇ ଖାଲି ଜାଗା ପୂରଣ କରି ପଢ଼ିବା ।**

(ସାଇକେଲ୍, ପେନ୍‌ସିଲ୍, ବଲ୍)

କ. ____________ ର ଦୁଇଟି ଚକ ।

ଖ. ମୁଁ ____________ ରେ ଲେଖେ ।

ଗ. ____________ ଟି ଗୋଲ ଅଟେ ।



https://withteachers.in/

## ୧୩. ଆସ ପଢ଼ିବା ।

ପୋଖରୀ କୂଳରେ ଛୋଟ ଠେକୁଆଟିଏ ବସିଥିଲା ।
ସେ ପୋଖରୀକୁ ଡେଇଁ ଆରପଟକୁ ଯିବାକୁ ଭାବୁଥିଲା ।
ସେ ଦେଖିଲା, ହଠାତ୍ ବିଲୁଆଟିଏ କୁଦାମାରି ପୋଖରୀକୁ ଡେଇଁପଡ଼ିଲା ।
ଏଥର ଠେକୁଆ ସାହାସରେ ଆରପଟକୁ ଡେଇଁପଡ଼ିଲା ।
ପାଣିରେ ଖେଳୁଥିବା ହଂସ କହିଲା – ଆରେ ବାଃ, ବଢ଼ିଆ ତ ?
ଏହା ଶୁଣି ଠେକୁଆ ଖୁସି ହେଲା ।



## ୧୪. ତୁମ ପାଇଁ କାମ । (ଦିଆସିଲି ଖୋଳ ଓ ସୂତା ନେଇ ସେଥିରେ ଟେଲିଫୋନ୍ ତିଆରି କରି ସାଙ୍ଗ ସହ କଥା ହେବା ।)





https://withteachers.in/

ଆସ କାହାଣୀ ଶୁଣିବା

# ଗଡ଼ିଗଡ଼ି ଯାଏ ପଣସ

ପଣସଟିଏ ପାହାଡ଼ରୁ ଗଡ଼ିଗଡ଼ି ଆସିଲା । ପାହାଡ଼ ତଳେ ଆମ୍ବତୋଟା ଦେଖି ପଣସ ଖୁସିହେଲା । ସେଇଠି ଗଧିଆଟିଏ ଥାଏ । ଗଧିଆ ପଣସ ଖାଇବାକୁ ତା' ପଛରେ ଦୌଡ଼ିଲା । ପଣସ କହିଲା -

"ରହିଯା ଟିକେ ଗଧିଆ ଭାଇ,
ପାରିବୁନି ମୋତେ ତୁ ଅଟକାଇ
ଯାଉଛି ଜଗତ ଦେଖିବା ପାଇଁ ।"



ପଣସ ଗଡ଼ିଗଡ଼ି ଯାଇ ଧାନ କିଆରିରେ ପଡ଼ିଲା । ଗଧିଆ ପଛରେ ଦୌଡୁଥାଏ । ଧାନ କିଆରିରେ କୈଳାସ ପଣସଟିକୁ ଦେଖିଲା । କୈଳାସ କହିଲା - "ରହ ! ମୁଁ ତୋତେ ଖାଇବି ।"





https://withteachers.in/

ପଣସ କହିଲା – "ରହିଯା ଟିକେ କୈଳାସ ଭାଇ
ପାରିବୁନି ମୋତେ ତୁ ଅଟକାଇ
ଯାଉଛି ଜଗତ ଦେଖିବା ପାଇଁ ।"

ଗଧିଆ ଓ କୈଳାସ ପଣସ ପଛରେ ଦୌଡୁଥାନ୍ତି । ପଣସ ଫୁଲ ବଗିଚାରେ ପଶିଗଲା । ସେ ହରଗୌରା, ମନ୍ଦାର ଓ ଟଗର ଆଦି ଫୁଲ ଦେଖି ଖୁସି ହେଲା । ମୟୂରଟିଏ ତାକୁ ଦେଖି କହିଲା – "ରହ ! ମୁଁ ତୋତେ ଖାଇବି ।" ପଣସ କହିଲା–

"ରହିଯା ଟିକେ ମୟୂର ଭାଇ,
ପାରିବୁନି ମୋତେ ତୁ ଅଟକାଇ
ଯାଉଛି ଜଗତ ଦେଖିବା ପାଇଁ ।"





https://withteachers.in/

ପଣସ ଆହୁରି ଜୋର୍‌ରେ ଗଡ଼ିଲା । ପଛରେ ଗଧିଆ, କୈଳାସ ଆଉ ମୟୂର ଦୌଡ଼ିଲେ । ଆଗରେ ଗୋଟିଏ ସୁନ୍ଦର ଘାସ ପଡ଼ିଆ । ପଣସ କଅଁଳ ଘାସରେ ଗଡ଼ିଗଲା । ତାକୁ ସେ ଜାଗା ଖୁବ୍ କୌତୁକିଆ ଲାଗିଲା । ସେଇଠି କୁନିବୋଲି ଝିଅଟିଏ ତାକୁ ଦେଖିଲା । କୁନି କହିଲା – "ରହ ! ମୁଁ ତୋତେ ଖାଇବି ।" ପଣସ କହିଲା –

"କୁନିଲୋ କୁନି ଖାଆନା ମୋତେ
ଆ ମୋ ସହ ଖେଳିବୁ
ଲୁଚିବି ମୁହିଁ ଖୋଜିବୁ ତୁହି
ଧରି ପାରିଲେ ଖାଇବୁ ।"

କୁନି ଆଖି ବୁଜିଲା । ପଣସ ଗଡ଼ିଗଡ଼ି ଯାଇ କିଆବୁଦା ଭିତରେ ଲୁଚିଗଲା । ଗଧିଆ, କୈଳାସ, ମୟୂର ଓ କୁନି ମିଶି ପଣସକୁ ଖୋଜିଲେ । ହେଲେ କେହି ପାଇଲେ ନାହିଁ, ପଣସ ସେଇଠି ରହିଗଲା ।





https://withteachers.in/

## ୧. ଆସ କଥା ହେବା ।

କ. ପଣସ କେଉଁଠାରୁ ଗଡ଼ିଗଡ଼ି ଆସିଲା ?

ଖ. ଗଧିଆ କାହିଁକି ପଣସକୁ ଗୋଡ଼ାଇଲା ?

ଗ. କୈଳାସ କେଉଁଠାରେ ଥିଲା ?

ଘ. ବଗିଚାରୁ ବାହାରି ପଣସ କୁଆଡ଼େ ଗଲା ?

ଙ. ତୁମେ କୁନି ଜାଗାରେ ଥିଲେ ପଣସକୁ ଧରିବା ପାଇଁ କ'ଣ କରିଥାନ୍ତ ?

## ୨. (କ). ଭାବି ଲେଖିବା ।

ପଣସ ଗଡ଼ିଗଡ଼ି କାହା ପାଖ ଦେଇଗଲା । ସେଗୁଡ଼ିକର ନାମ କ୍ରମ ଅନୁସାରେ ଲେଖିବା ।

୧.

୨.

୩.

୪.

### ଖ. ତଳେ ଦିଆଯାଇଥିବା ଜିନିଷଗୁଡ଼ିକ ଭିତରୁ ଯେଉଁଗୁଡ଼ିକ ଗଡ଼ିପାରିବ ସେଗୁଡ଼ିକ ବାଛି ତଳ କୋଠରିରେ ଲେଖ ।

| | | | | |
|---|---|---|---|---|
| ଚକ୍ | ଡଷ୍ଟର | ରୋଲ୍‌ବାଡ଼ି | ଡାଳ | ଗିଲାସ |
| ଚଉକି | ଆଳୁ | ଫୁଲକୋବି | ଟମାଟୋ | ଚପଲ |



https://withteachers.in/

**୩. ଆସ ପଢ଼ିବା ।** (ଅକ୍ଷରରେ 'ଐକାର' ମାତ୍ରା ଯୋଡ଼ି ପଢ଼ିବା) ।

| ଅକ୍ଷର | ୈ |
|---|---|
| କ | କୈ |
| ବ | ବୈ |
| ଦ | ଦୈ |

| ଅକ୍ଷର | ୈ |
|---|---|
| ତ | ତୈ |
| ସ | ସୈ |
| ଶ | ଶୈ |

| ଅକ୍ଷର | ୈ |
|---|---|
| ମ | ମୈ |
| ଗ | ଗୈ |
| ଚ | ଚୈ |

**୪. ଆସ ଲେଖିବା ।** (ଅକ୍ଷରରେ 'ଐକାର' ମାତ୍ରା ଯୋଡ଼ି ଲେଖିବା) ।

| ଅକ୍ଷର | ୈ |
|---|---|
| ପ | ପୈ |
| ନ | |
| ମ | |

| ଅକ୍ଷର | ୈ |
|---|---|
| ଦ | |
| ଛ | |
| ଭ | |

| ଅକ୍ଷର | ୈ |
|---|---|
| ଜ | |
| ଧ | |
| ଗ | |

**୫. ଆସ ଶବ୍ଦଗୁଡ଼ିକ ପଢ଼ିବା ।**

ଶୈଳ | କୈଳାସ | ବୈଶାଖ | ଶୈଶବ | ଦୈନିକ | ତୈଳ


ସୈନିକ | କୈକେୟୀ | ବୈଠକ | ଭୈରବ

**୬. ଅସଜଡ଼ା ଅକ୍ଷରକୁ ସଜାଇ ଶବ୍ଦ ଲେଖିବା ।**

କଠବୈ ____________ ଲାକୈସ ____________

ସୈକନି ____________ ଶୈଳବା ____________







https://withteachers.in/

**୭. ଆସ ବାକ୍ୟଗୁଡ଼ିକ ପଢ଼ିବା ।**



କ) ନଡ଼ିଆରୁ ତୈଳ ବାହାରେ ।



ଖ) ଗାଆଁରେ ବୈଠକ ବସିଛି ।



ଗ) ଦୈନିକ କସରତ କର ।

**୮. ଆସ ପଢ଼ିବା ।** (ଅକ୍ଷରରେ 'ଔ' କାର ମାତ୍ରା ଯୋଡ଼ି ପଢ଼ିବା) ।

| ଅକ୍ଷର | ୌ |
|---|---|
| ନ | ନୌ |
| ଲ | ଲୌ |
| ଗ | ଗୌ |

| ଅକ୍ଷର | ୌ |
|---|---|
| ସ | ସୌ |
| ପ | ପୌ |
| କ | କୌ |

| ଅକ୍ଷର | ୌ |
|---|---|
| ମ | ମୌ |
| ଚ | ଚୌ |
| ଯ | ଯୌ |

**୯. ଆସ ଲେଖିବା ।** (ଅକ୍ଷରରେ 'ଔ' କାର ମାତ୍ରା ଯୋଡ଼ି ଲେଖିବା) ।

| ଅକ୍ଷର | ୌ କାର |
|---|---|
| ଫ | ଫୌ |
| ମ | |
| ଗ | |

| ଅକ୍ଷର | ୌ କାର |
|---|---|
| ପ | |
| ବ | |
| ଚ | |

| ଅକ୍ଷର | ୌ କାର |
|---|---|
| କ | |
| ଯ | |
| ଭ | |



https://withteachers.in/

୧୦. ଆସ ଶବ୍ଦଗୁଡ଼ିକ ପଢ଼ିବା ।

| | | | | |
|---|---|---|---|---|
| ନୌକା | ଚୌକି | ଫୌଜ | ଲୌହ | ଦୌଡ଼ |
| ଗୌତମ | କୌତୁକ | ଗୌରବ | ପୌଷମାସ | ସୌଦାଗର |

୧୧. ସାରଣୀରୁ ଅକ୍ଷର ନେଇ ଶବ୍ଦ ଗଢ଼ି ଲେଖିବା ।

| | | | |
|---|---|---|---|
| କୌ | ବୈ | ଦୈ | ଗୌ |
| ର | ଶା | ନି | ର |
| ବ | ଖ | କ | ବ |
| ଶୈ | ବ | ନୌ | କା |

______________________ ______________________

______________________ ______________________

______________________ ______________________

______________________ ______________________



https://withteachers.in/

୧୨. ଚିତ୍ର ଦେଖି ୨ ଟି ବାକ୍ୟ ଲେଖ ।



______________________________________________

______________________________________________

**୧୩. ଗପ ଆଧାରରେ ଉପଯୁକ୍ତ ଶବ୍ଦ ବାଛି ବାକ୍ୟପୂରଣ କରିବା ।**

କ.କୈଳାସ ପଣସଟିକୁ ____________ ଦେଖିଲା । (ଆମ୍ବତୋଟାରେ / ଧାନକିଆରିରେ)

ଖ.ମୟୂର ପଣସକୁ ____________ ରେ ଦେଖିଲା । (ଫୁଲବଗିଚା / କିଆବୁଦା)



https://withteachers.in/

## ୧୪. ଆସ ପଢ଼ିବା ।

ବୈଶାଖ ମାସର ଟାଣ ଖରା ।

ବଣରେ ସିଂହ ଖାଇ ସାରି ଗଛ ଛାଇରେ ଶୋଇଥିଲା ।


ମୂଷାଟିଏ  ବୁଲୁବୁଲୁ ହଠାତ୍ ସିଂହ ଉପରେ ଚଢ଼ିଗଲା ।

ସିଂହ ନିଦରୁ ଉଠି ପଡ଼ିଲା ।

ସେ ରାଗିଯାଇ ଚାରିଆଡ଼କୁ ଚାହିଁଲା ।

ମୂଷା କୌଶଳରେ ଗଛ ଉପରକୁ ଚଢ଼ି ଲୁଚିଗଲା ।

ସିଂହ ମୂଷାକୁ ଧରିପାରିଲା ନାହିଁ ।






https://withteachers.in/

## ଆସ ଗୀତ ଗାଇବା

# ଅକ୍ଷର ଗୀତ



ଅଜାଙ୍କ ଘରର ଖବର
ଆଇ ଆମ ବଡ଼ ଜବର ।
ଇଲିଶି ମାଛର ତିଅଣ



ଈଶ୍ୱରୀ ମନଟି ଉଚ୍ଛନ୍ନ ।
ଉଣା କରିବାନି ମନକୁ



ଋଣ ମାଗିବାନି କାହାକୁ ।
ଏକ ହାତୀ ଥିଲା ସରଗେ
ଐରାବତ ଜାଣ ସରବେ ।



ଓପାସ କରିଛି ଠେକୁଆ



ଔଷଧ ଖାଉଛି ବିଲୁଆ ।
କମଳା, କଇଥ, କଦଳୀ
ଖଟାକୁ ଚାହିଁଚି ମାମାଲି ।



ଗରମଗରମ କାକରା
ଘରେ ଖାଇବାକୁ ଡ଼ାକରା ।



ଚକୁଳି ପିଠାକୁ ଚଟଣି
ଛଣାବରା ଖୋଜେ ଘୁଗୁନି ।





https://withteachers.in/



ଜଟିଆର କେଶ ଅଲରା

ଝଡ଼ିଲା ଗଛରୁ କଲରା ।



ଟଭା ଦେଖିବାକୁ ସୁନ୍ଦର

ଠଣାରେ ରଖନ୍ତି ସିନ୍ଦୂର ।



ଡକାଡ଼କି ହୋଇ ଖାଇବା

ଢଗ ପଦେପଦେ ଗାଇବା ।



ତତଲା ତିଅଣ ଖାଇକି

ଥକା ମାରିଗଲୁ କାହିଁକି ।



ଦଉଡ଼ ଧାପଡ କରିବା

ଧଡ଼ିଆ ଦେହକୁ ଗଢ଼ିବା ।



ନଡ଼ିଆ ଲାଗଇ ବଢ଼ିଆ

ପଡ଼ିଆ ମଝିରେ ଗଢ଼ିଆ ।



ଫକ୍‌ଫକ୍ ମାଛ ପାଣିରେ


ବଗୁଲୀର ଦେଖ ଠାଣିରେ ।



ଭଜନ ନିଇତି ଶୁଣିବା

ମଧୁର କଥାଟି କହିବା ।








https://withteachers.in/



ଯମୁନା ନଈରେ ଗାଧୁଆ
ରମଣର ସାଙ୍ଗ ରାଧୁଆ ।
'ଳ' ଶିଖିନିଅ ସଅଳ

ଲୟ ରଖି ଲେଖ ଗୟଳ ।


ଶିଗଡ଼ ଉପରେ ପୁଅଟି
ଷଠୀ ପୂଜାକରେ ମାଆଟି ।


ସଜାଇ ରଖିବା ବହିକି
ହରିଣ ଯାଉଛି ଧାଇଁକି ।



https://withteachers.in/

# ଟିପ୍ପଣୀ



https://withteachers.in/

# ଟିପ୍ପଣୀ



https://withteachers.in/

# ଟିପ୍ପଣୀ

# ଟିପ୍ପଣୀ



https://withteachers.in/